بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ସଂଖ୍ୟା 38

ସାପ୍ତାହିକ

# ବଦର

Weekly BADAR Qadian

କାଦିଆନ

Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

17 ସେପ୍ଟେମ୍ବର 2020 | 17 ତବୁକ୍ 1399 ହି.ଶ | 28 ମୋହରମ୍ 1442 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

اَنۡ تُؤَدُّوا الۡاَمٰنٰتِ اِلٰۤی اَہۡلِہَا ۙ

وَاِذَا حَکَمۡتُمۡ بَیۡنَ النَّاسِ

اَنۡ تَحۡکُمُوۡا بِالۡعَدۡلِ (النساء:59)

ଅନୁବାଦ- ବାସ୍ତବରେ ଅଲ୍ଲାଃ ତୁମମାନଙ୍କୁ ଆଦେଶ ଦେଇଛନ୍ତି ଯେ ତୁମେମାନେ ଅମାନତକୁ ତାହାର ହକ୍‌ଦାର (ବ୍ୟକ୍ତି)ମାନଙ୍କୁ ଅର୍ପଣ କର ଏବଂ ତୁମେମାନେ ଲୋକମାନଙ୍କ ମଧ୍ୟରେ ନିଷ୍ପତି କରିବା ବେଳେ ନ୍ୟାୟସଙ୍ଗତ ଭାବେ ନିଷ୍ପତି କର; । *(ନିସା: ୫୯)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବଂକୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱରଅ.ବଂଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଂଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥**

---

**ଯଦି ତୁମେ ମୋତେ ଅନୁସରଣ କରିବ ତେବେ ନିଜ ଭିତରେ ଥିବା ପିତୁଳାଗୁଡ଼ିକୁ ଭାଙ୍ଗି ଦେବାପାଇଁ ସମର୍ଥ ହୋଇଯିବ ।**

**ମଣିଷର ହୃଦୟ ହେଉଛି ଜ୍ୟୋତି ଅବତୀର୍ଣ୍ଣ ହେବାର ପ୍ରକୃତ ସ୍ଥାନ । ସେଥିପାଇଁ ତାହା ବଇତୁଲ୍ଲାଃ (ଈଶ୍ୱରଙ୍କ ଘର) ବୋଲାଇଥାଏ ।**

## ହଜରତ ମସିହ ମଉଦଆ.ସଙ୍କ ନୀତି ବାଣୀ

### ମତେ ଅନୁସରଣ କର ଓ ମୋ ପଛେ ପଛେ ଚାଲି ଆସ

ଅତଏବ ଏହି ଈଶ୍ୱରଙ୍କ ନିବାସକୁ (ଅର୍ଥାତ ହୃଦୟକୁ) ପିତୁଳା (ଅର୍ଥାତ ଅନେକେଶ୍ୱରବାଦ)ରୁ ପବିତ୍ର ଓ ସ୍ୱଚ୍ଛ କରିବା ପାଇଁ ଗୋଟିଏ ଜିହାଦ୍‌ର ଆବଶ୍ୟକତା ରହିଛି ଏବଂ ସେହି ଜିହାଦ୍ (ପ୍ରଚେଷ୍ଟା)ର ମାର୍ଗ ମୁଁ ଏଠାରେ ତୁମମାନଙ୍କୁ ବତାଉଛି ଏବଂ ନିଶ୍ଚିତ କରାଉଛି ଯେ ଯଦି ତୁମେ ଆ ଉପରେ ପରିଚାଳିତ ହେବ ତେବେ ତୁମେ ଏହି ପିତୁଳାଗୁଡ଼ିକୁ ଭାଙ୍ଗି ଦେବାକୁ ସମର୍ଥ ହେବ । ଏହି ମାର୍ଗ ସମ୍ବନ୍ଧରେ ମୁଁ ନିଜଆଡୁ ଏ କଥା କହୁନାହିଁ ବରଂ ଈଶ୍ୱର ମତେ ନିୟୋଜିତ କରିଛନ୍ତି ଯେ ମୁଁ ଏହା ବତାଇବି । ତେବେ ସେହି ମାର୍ଗଟି କଣ ? ମୋତେ ଅନୁସରଣ କର ଓ ମୋ ପଛେ ପଛେ ଚାଲିଆସ ଏହି ଧ୍ୱନି କୌଣସି ନୁଆ ଧ୍ୱନି ନୁହେଁ । ମକ୍କାକୁ ପିତୁଳା ଗୁଡ଼ିକରୁ ପବିତ୍ର କରିବାପାଇଁ ରସୁଲୁଲ୍ଲାଃ ସ:ଆ:ସ ମଧ୍ୟ ଏହା କହିଛନ୍ତି କି **କୁଲ୍ ଇନ୍‌କୁନ୍‌ତୁମ୍ ତୁହିବ୍‌ବୁନଲ୍ଲାହା ଫତ୍‌ତବିଉନି ୟୁହ୍‌ବିବ୍‌କୁମୁଲ୍ଲାହା (ଆଲେ ଇମ୍‌ରାନ୍:୩୨)** ଅର୍ଥାତ: "ଯଦି ତୁମେମାନେ ଅଲ୍ଲାଃଙ୍କୁ ପ୍ରେମ କରୁଥାଅ ତେବେ ଆମ୍ଭକୁ ଅନୁସରଣ କର; ତାହାହେଲେ ଅଲ୍ଲାଃ ତୁମମାନଙ୍କୁ ପ୍ରେମ କରିବେ" । ସେହିଭଳି ଯଦି ତୁମେ ମୋତେ ଅନୁସରଣ କରିବ ତେବେ ନିଜ ଭିତରେ ଥିବା ପିତୁଳାଗୁଡ଼ିକୁ ଭାଙ୍ଗି ଦେବାପାଇଁ ସମର୍ଥ ହୋଇଯିବ । ସେହିପରି ହୃଦୟ ଭିତରେ ଯେତେ କିସମ କିସମର ପିତୁଳା ପଡ଼ି ରହିଛନ୍ତି, ତାହାକୁ ସଫା କରିଦେବାକୁ ସମର୍ଥ ହେବ । ଆତ୍ମାକୁ ପବିତ୍ର କରିବାପାଇଁ **ଚିଲାକଶି** କରିବାର କିଛି ଆବଶ୍ୟକ ନାହିଁ । ରସୁଲୁଲ୍ଲାଃ ସ:ଆ:ସଙ୍କ ସାହାବାମାନେ **ଚିଲାକଶି** କରିନଥିଲେ । ଅର୍‌ରାଃ ଏବଂ ନକରାତ୍ମକ ଓ ସକରାତ୍ମକ ଇତ୍ୟାଦିର ଚର୍ଚ୍ଚା କରିନାହାନ୍ତି । ବରଂ ସେମାନଙ୍କ ନିକଟରେ ଆଉ ଗୋଟିଏ ଜିନିଷ ଥିଲା । ସେମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ଆଜ୍ଞାପାଳନ କରିବାରେ ଲୀନ ଥିଲେ । ଯେଉଁ ଜ୍ୟୋତି ମହାଭାଗଙ୍କ ମଧ୍ୟରେ ଥିଲା ତାହା ସେହି ଆଜ୍ଞାନୁବର୍ତିତାରୂପକ ନାଳ ମାଧମରେ ବହି ସାହାବାମାନଙ୍କ ହୃଦୟ ଭିତରେ ପ୍ରବେଶ କରୁଥିଲା ଏବଂ ଅଲ୍ଲାଃଙ୍କ ବ୍ୟତିତ ଅନ୍ୟାନ୍ୟ ସମସ୍ତ ଭାବନାକୁ ଖଣ୍ଡ ଖଣ୍ଡ କରିଚାଲୁଥିଲା । ଅନ୍ଧକାର ପରିବର୍ତେ ସେହି ହୃଦୟମାନଙ୍କରେ ଜ୍ୟୋତି ଭରାଯାଉଥିଲା । ଖୁବ୍ ମନେରଖ ଏବେ ମଧ୍ୟ ସେହି ଅବସ୍ଥା ଅଛି । ଯେ ପର୍ଯ୍ୟନ୍ତ ଈଶ୍ୱରଙ୍କ ନାଳ ମାଧମରେ ସେହି ଜ୍ୟୋତି ବହି ଆସି ତୁମ ହୃଦୟରେ ନପଡ଼ିଛି ସେ ପର୍ଯ୍ୟନ୍ତ ଆତ୍ମା ଶୁଦ୍ଧ ହୋଇପାରିବ ନାହିଁ । ମଣିଷର ହୃଦୟ ହେଉଛି ଜ୍ୟୋତି ଅବତୀର୍ଣ୍ଣ ହେବାର ପ୍ରକୃତ ସ୍ଥାନ । ସେଥିପାଇଁ ତାହା ବଇତୁଲ୍ଲାଃ (ଈଶ୍ୱରଙ୍କ ଘର) ବୋଲାଇଥାଏ । ସବୁଠାରୁ ବଡ଼ କାମ ହେଉଛି ଏହା କି ତା ଭିତରେ ଥିବା ପିତୁଳାଗୁଡ଼ିକୁ ଭଙ୍ଗାଯାଉ ଓ କେବଳ ଅଲ୍ଲାଃ ଏବଂ ଅଲ୍ଲାଃ ହିଁ ବାକି ରହୁ । ହଦିସ୍‌ରେ ଆସୁଛି ଯେ ରସୁଲୁଲ୍ଲାଃ ସ:ଆ:ସ କହିଛନ୍ତି; **ଅଲ୍ଲାହୁ ଅଲ୍ଲାହୁ ଫି ଅସ୍‌ହାବି ।** ଅର୍ଥାତ ମୋ ସାହାବିମାନଙ୍କ ହୃଦୟରେ ଅଲ୍ଲାଃ ଓ ଅଲ୍ଲାଃ ରହିଛି ଏବଂ ଅଲ୍ଲାଃ ରହିବାର ଅର୍ଥ ଏହା ନୁହେଁ ଯେ ମଣିଷ ଅଦ୍ୱୈତବାଦର ପ୍ରଥା ଉପରେ ଅମଳ କରୁ । ଅର୍ଥାତ ସବୁ କୁକୁର ଏବଂ ଗଧକୁ ମାଆଜଲ୍ଲାଃ ଈଶ୍ୱର ବୋଲି ମଣୁ । ନୁହେଁ ନୁହେଁ । ଏହାର ଅସଲ ଉଦ୍ଦେଶ୍ୟ ହେଉଛି ମଣିଷର ଯେଉଁ କାର୍ଯ୍ୟ ରହିଛି ସେଥିରେ ଈଶ୍ୱରଙ୍କ ଇଚ୍ଛା ବ୍ୟତିତ ଆଉ କିଛି ନ ରହୁ ଏବଂ ସେହି ସ୍ଥାନ ସେ ପର୍ଯ୍ୟନ୍ତ ହାସଲ ହୋଇପାରିବ ନାହିଁ ଯେ ପର୍ଯ୍ୟନ୍ତ ଖୁଦାଙ୍କ କୃପା ନ ହୋଇଛି ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୭୩ ପ୍ରକାଶନ୨୦୧୮ କାଦିୟାନ)*

## ନବୀ ସ:ଆ:ସଙ୍କ ବାଣୀ

✲ ହଜ୍‌ରତ୍ ଅବୁ ହୁରୈରାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ କହିଲେ:

(ଏହି ଇମାମ୍) ତୁମମାନଙ୍କୁ ନମାଜ ପଢ଼ାଉଛନ୍ତି । ଯଦି ସେ ଠିକ୍ ପଢ଼ିବେ ତେବେ ତୁମକୁ ପୂଣ୍ୟ ମିଳିବ ଓ ଯଦି ଭୁଲ କରିବେ ତେବେ ମଧ୍ୟ ତୁମକୁ ପୂଣ୍ୟ ମିଳିବ କିନ୍ତୁ ତାଙ୍କୁ (ଅର୍ଥାତ ଇମାମଙ୍କୁ) ଏହାର ଦଣ୍ଡ ମିଳିବ ।

*(ସହି ବୁଖାରୀ, ଖଣ୍ଡ-୨, କିତାବୁଲ୍ ଅଜାନ୍......*

✲ ହଜ୍‌ରତ୍ ଅବୁ ହୁରୈରାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ କହିଲେ;

ତୁମମାନଙ୍କ ମଧ୍ୟରୁ କିଏ ଲୋକମାନଙ୍କୁ ନମାଜ ପଢ଼ାଏ ତେବେ ଏହା ଆବଶ୍ୟକ ଯେ ସେ ହାଲୁକା ପଢ଼ାଉ । କାରଣ ସେହି ଲୋକମାନଙ୍କ ମଧ୍ୟରେ ଦୁର୍ବଳ, ରୋଗୀ ଏବଂ ବୃଦ୍ଧାଲୋକମାନେ ମଧ୍ୟ ଥାଆନ୍ତି । କିନ୍ତୁ ଯେବେ ତୁମମାନଙ୍କ ମଧ୍ୟରୁ କେହି ଏକାକୀ ନମାଜ ପଢୁଥାଏ ତେବେ ସେ ଯେତେ ପାରୁଛି ନମାଜ ଲମ୍ବା କରୁ ।

*(ସହି ବୁଖାରୀ,ଖଣ୍ଡ-୨, କିତାବୁଲ୍ ଅଜାନ୍ ଇଜା ସଲ୍ଲି ଲି ନଫସିହି ଫୟତୁଲୁ ମା ଶାଆ)*

---

**ଯଦି କୌଣସି ହିନ୍ଦୁ, ସିଖ୍ ତଥା ଇସାଇ ମୁସଲମାନଙ୍କ ମସ୍‌ଜିଦ୍‌ରେ ନିଜ ନିଜର ଶୈଳୀରେ ଈଶ୍ୱର ଉପାସନା କରିବାକୁ ଚାହେଁ ତେବେ ତାଙ୍କୁ ଏପରି କରିବାରୁ ନିବୃତ ରଖିବା ପାଇଁ କୌଣସି ମୁସଲମାନର ହକ୍ ନାହିଁ ।**

**ୱମନ୍ ଅଜ୍‌ଲମୁ ମିମ୍‌ମମ୍ ମନଅ ମସାଯିଦଲ୍‌ଲ୍ଲାହି ଅଇଁ ୟୁଜ୍‌କାର ଫିହସ୍‌ମୁହୁ** ଆୟତର ତଫ୍‌ସିର୍ (ବ୍ୟାଖ୍ୟା) କରି ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ କହିଛନ୍ତି:

ଅଲ୍ଲାଃ ତାଲା କହୁଛନ୍ତି ଯେ ଯେଉଁ ବ୍ୟକ୍ତି ମସ୍‌ଜିଦ୍ ଗୁଡ଼ିକରେ ଅଲ୍ଲାଃ ତାଲାଙ୍କ ନାମ ଉଚ୍ଚାରଣ କରିବାକୁ ଦିଏନାହିଁ ଏବଂ ତାହାଙ୍କ ଉପାସନା କରିବାରୁ ଲୋକମାନଙ୍କୁ ରୋକେ ତଥା ସେଗୁଡ଼ିକୁ ଜନଶୂନ୍ୟ କରିବାକୁ ଚେଷ୍ଟା କରେ ,ସେ ହେଉଛି ସବୁଠାରୁ ବଡ଼ ଅତ୍ୟାଚାରୀ । ଏହା କେଡ଼େ ଉଚ୍ଚସ୍ତରର ଶିକ୍ଷା ଯାହାକୁ ଇସ୍‌ଲାମ୍ ଉପସ୍ଥାପନ କରିଛି । ଯଦି ଏହି ଶିକ୍ଷାକୁ ସମ୍ମୁଖରେ ରଖାଯାଏ, ତେବେ ଦୁନିଆର କୌଣସି ଧର୍ମ ଆ ସାମନାରେ ତିଷ୍ଠିପାରିବ ନାହିଁ । ମୁସଲମାନମାନଙ୍କ କର୍ମକୁ ଛାଡ଼ନ୍ତୁ ବରଂ ଏହି ହୁକୁମ ଓ ଶିକ୍ଷାକୁ ଦେଖନ୍ତୁ । ଅଲ୍ଲାଃ ତାଲା କହୁଛନ୍ତି ଯେ କୌଣସି ବ୍ୟକ୍ତିର ଏ ହକ୍ ନାହିଁ ଯେ ସେ କାହାକୁ ଈଶ୍ୱରଙ୍କ ସ୍ତୁତିଗାନ କରିବାକୁ ରୋକିବ । ଯଦି କୌଣସି ବ୍ୟକ୍ତି ମସ୍‌ଜିଦ୍‌ରେ ଯାଇ ଅଲ୍ଲାଃଙ୍କ ସ୍ତୁତିଗାନ କରିବାକୁ ଚାହୁଁଛି ତେବେ ତାକୁ ଏଥିରୁ ନିବୃତ ରଖିବା ସମ୍ପୂର୍ଣ୍ଣରୂପେ ଅନୁଚିତ । କୌଣସି ହିନ୍ଦୁ, ସିଖ୍ ବା ଇସାଇ ଆସି ଯଦି ମୁସଲମାନମାନଙ୍କ ମସ୍‌ଜିଦ୍‌ରେ ନିଜ ନିଜର ଶୈଳୀରେ ଈଶ୍ୱର ଉପାସନା କରିବାକୁ ଚାହେଁ ତେବେ କୌଣସି ମୁସଲମାନର ଏ ଅଧିକାର ନାହିଁ ଯେ ସେ ତାକୁ ଏଥିରୁ ରୋକିବ । ଯଦି କିଏ ଏହା କହେ ଯେ ବାଜା ବଜାଇବା, ନାଚିବା ସେମାନଙ୍କ ଉପାସନାରେ ସାମିଲ ରହିଛି, ତେବେ ଆମେ ଏକଥା କହିବୁ ଯେ ଏହି କାମକୁ (ଅର୍ଥାତ ବାଜା ବଜାଇବା ଓ ନାଚିବା) ସେମାନେ ବାହାରେ କରନ୍ତୁ । ଯେତେମାତ୍ରାରେ ଈଶ୍ୱରଙ୍କୁ ଉପାସନା କରିବାର ଅଛି ତାହା ସେମାନେ ମସ୍‌ଜିଦ୍‌ରେ ଆସି ସମ୍ପାଦନ କରନ୍ତୁ ।...............

........... ସର୍ବ ପ୍ରଥମେ ଯେଉଁ ବ୍ୟକ୍ତି ବିଶେଷ ଆ ଉପରେ ଅମଳ (କର୍ମ) କରିଛନ୍ତି, ସେ ହେଉଛନ୍ତି ଆମର ମହାଭାଗ ସ:ଆ:ସ ଯିଏ ନଜ୍‌ରାନ୍‌ରୁ ଆସିଥିବା ଇସାଇମାନଙ୍କୁ ନିଜ ମସ୍‌ଜିଦ୍‌ରେ ଗୀର୍ଜା (ଅର୍ଥାତ ଇସାଇମାନଙ୍କର ନିର୍ଦ୍ଦିଷ୍ଟ ଉପାସନା) କରିବାକୁ ଅନୁମତି ଦେଇଦେଲେ । ଜାଜୁଲ୍ ମାଆଜ୍‌ରେ ବର୍ଣ୍ଣିତ ଅଛି ଯେ: **ଲମ୍ମା କଦିମା ଓଫ୍‌ଦୁ ନଜ୍‌ରାନା ଆଲା ରସୁଲିଲ୍ଲାହି ସ୍ୱଲଲ୍ଲାହୁ ଆଲୈହେ ୱ ସଲ୍ଲମା ଦଖଲୁ ଆଲୈହେ ମସ୍‌ଜିଦହୁ ବାଦଲ୍ ଅସ୍‌ରେ ଫହାନତ୍**

**ସଲାତୁହୁମ୍ ଫକାଲୁ ଅ ୟୁସଲ୍ଲୁନା ଫି ମସ୍‌ଜିଦିହି ଫଅରାଦନ୍ ନାସୁ ମନ୍‌ଅହୁମ୍ ଫକାଲା ରସୁଲୁଲ୍ଲାହି ସ୍ୱଲଲ୍ଲାହୁ ଆଲୈହେ ୱ ସଲ୍ଲମା ଦଉହୁମ୍ ଫସ୍ତକ୍‌ବଲୁଲ୍ ମଶରିକା ଫସଲ୍ଲୁ ସଲାତହୁମ୍ (ଜାଜୁଲ୍ ମାଆଦ୍ ଖଣ୍ଡ-୨, ପୃ-୩୫)** ଅର୍ଥାତ ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ନଜ୍‌ରାନ୍‌ର ଇସାଇ ପ୍ରତିନିଧିମଣ୍ଡଳ ଆସିଲା, ଆସିଥିବା ସଦସ୍ୟମାନେ ଅସର୍ ପରେ ମସ୍‌ଜିଦ୍ ନବଓ୍ୱିଠାରେ ପହଂଚି ବାର୍ତାଳାପ କଲେ । ବାର୍ତାଳାପ ଚାଲିଥିବା ସମୟରେ ସେମାନଙ୍କର ଉପାସନା କରିବାର ସମୟ ହୋଇଗଲା । (ବୋଧହୁଏ ସେହି ଦିନଟି ରବିବାର ଥିବ) । ଅତଏବ୍ ସେମାନେ ସେହି ମସ୍‌ଜିଦ୍ ନବଓ୍ୱି ଭିତରେ ନିଜ ଉପାସନାର ଶୈଳୀ ମୁତାବକ ଉପାସନା କରିବାପାଇଁ ଛିଡ଼ା ହୋଇଗଲେ । ଲୋକମାନେ ସେମାନଙ୍କୁ ରୋକିବାକୁ ଚାହିଁଲେ କିନ୍ତୁ ରସୁଲେ କରିମ୍ ସ:ଆ:ସ କହିଲେ ସେମାନଙ୍କୁ ରୋକୋ ନାହିଁ । ସୁତରାଂ ସେମାନେ ସେଠାରେ ପୂର୍ବଆଡ଼କୁ ମୁହଁକରି ନିଜ ଉପାସନା ଶୈଳୀ ମୁତାବକ ଉପାସନା କଲେ ।

ତେଣୁ ମସ୍‌ଜିଦ୍ ଭିତରେ ଅଲ୍ଲାଃ ତାଲାଙ୍କ ଉପାସନା କରିବାରୁ ରୋକିବା ପାଇଁ କାହାର ଅଧିକାର ନାହିଁ । ଯଦି ସମସ୍ତ ଜାତିର ଲୋକେ ଏକଥା ଉପରେ ପରିଚାଳିତ ହେବାକୁ ଲାଗିଯାନ୍ତି ତେବେ ଆପୋଷରେ ଥିବା ସମସ୍ତ ଝଗଡ଼ା ଶେଷ ହୋଇଯିବ । ଯଦି ପ୍ରତ୍ୟେକ ସମ୍ପ୍ରଦାୟ ନିଜର ଉପାସନା ପୀଠଗୁଡ଼ିକରେ ଅନ୍ୟମାନଙ୍କୁ ଆସିବା ପାଇଁ, ସେଠାରେ ଉପାସନା ଏବଂ ଈଶ୍ୱରଙ୍କ ନାମ ସ୍ମରଣ କରିବାପାଇଁ ଅନୁମତି ଦେଇ ଦିଅନ୍ତି ତେବେ କେବେ ବି ଆପୋଷରେ ବିବାଦ ଓ ଝଗଡ଼ା ସୃଷ୍ଟି ହେବନାହିଁ ବରଂ ଦୁନିଆର ଚତୁଃପାର୍ଶ୍ୱରେ ଶାନ୍ତି ସ୍ଥାପନ ହୋଇଯିବ । ତେଣୁ ମସଲମାନମାନଙ୍କର ଏ କର୍ତବ୍ୟ ଯେ ସେମାନେ ନିଜ କର୍ମ ପ୍ରତି ଧ୍ୟାନ ଦିଅନ୍ତୁ ଏବଂ ଚିନ୍ତା କରନ୍ତୁ ଯେ କଣ ଏହି ଶିକ୍ଷା ଉପରେ ସେମାନେ ସମ୍ପୂର୍ଣ୍ଣରୂପେ ପରିଚାଳିତ ହେଉଛନ୍ତି, ଯେଉଁ ଶିକ୍ଷା ପବିତ୍ର କୋରାନ୍ ପ୍ରଦାନ କରିଛି ଏବଂ ଯେଉଁ ଶିକ୍ଷା ଉପରେ ରସୁଲେ କରିମ୍ ସ:ଆ:ସ ପରିଚାଳିତ ଥିଲେ ଅଥବା ତା'ର ବିପରୀତ ନିଜ ନିଜର ମନଗଢ଼ା ସିଦ୍ଧାନ୍ତ ଉପରେ ପରିଚାଳତ ହେଉଛନ୍ତି । ମୁଁ ଭାବୁଛି ଯେ ଏହି ଆୟତଟି ଗଏର୍ ଅହେମଦୀ ଓ ଆମମାନଙ୍କ ମଧ୍ୟରେ ଏକ ନିଷ୍ପତିମୂଳକ ଆୟତ ।

**(ତଫ୍‌ସିର୍ କବୀର୍, ଖଣ୍ଡ-୨, ପୃ-୧୩୦-୧୩୨......୨୦୧୦)**

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଦେଉଛନ୍ତି ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ ନ୍ୟାସନାଲ୍ ଆମେଲା ମଧ୍ୟ ପରୀକ୍ଷା ଦିଅନ୍ତୁ ।

ସେକ୍ରେଟାରୀ ତଜ୍‌ନିଦ୍‌କୁ ହଜୁର ଅନଓ୍ୱର ଅ:ବ:ଅ ପଚାରିଲେ ଯେ, ଏଠାରେ ତଜ୍‌ନିଦ୍ କଣ ଏବଂ ସ୍ଥାନିୟ ସଦର ସାହେବଙ୍କଠାରୁ କିଭଳି ତଜ୍‌ନିଦ୍ ବିଷୟରେ ଜାଣୁଛନ୍ତି । ଏଥିରେ ସେକ୍ରେଟାରୀ ସାହିବା କହିଲେ ଯେ, ମୋଟ ତଜ୍‌ନିଦ୍ ହେଉଛି ୪୭୫ ମାସିକ ସ୍ଥାନିୟ ରିପୋର୍ଟଗୁଡ଼ିକରୁ ତଜ୍‌ନିଦ୍ ଅପଡ଼େଟ୍ କରାଯାଉଅଛି ।

ସେକ୍ରେଟାରୀ ତବ୍‌ଲିଗ୍ ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ନିଜର ରିପୋର୍ଟ ଉପସ୍ଥାପନ କରି ବତାଇଲେ ଯେ, ଏ ବର୍ଷ ଦୁଇଟି ବୟତ ହୋଇଛି ଓ ବିଗତ ତିନିବର୍ଷ ମଧ୍ୟରେ ସାତଟି ବୟତ ହୋଇଛି ।

ସେକ୍ରେଟାରୀ ଇଶାଅତ୍ ଡ଼ଚ୍ ଏବଂ ସେକ୍ରେଟାରୀ ଇଶାଅତ୍ ଉର୍ଦ୍ଦୁ ନିଜ ନିଜର ପରିଚୟ ପ୍ରଦାନ କଲେ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ସେକ୍ରେଟାରୀ ଇଶାଅତ୍ ଜଣେ ହୁଅନ୍ତୁ । ଦୁଇଜଣଙ୍କର କଣ ଆବଶ୍ୟକ ରହିଛି ସେ ନିଜର ଜଣେ ସହଯୋଗୀଙ୍କୁ ରଖିପାରିବେ । ଏଥିରେ ସଦର୍ ଲଜ୍‌ନା କହିଲେ ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ଅନୁମତି କ୍ରମେ ଦୁଇଜଣ ସେକ୍ରେଟାରୀ ବନାଯାଇଛି ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ସେକ୍ରେଟାରୀ ଇଶାଅତ୍ ଡ଼ଚ୍ ବତାଇଲେ ଯେ, ପତ୍ରିକାଗୁଡ଼ିକର ପ୍ରକାଶ ହେଉଅଛି ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ୟୁକେ ରୁ ଗୋଟିଏ ପତ୍ରିକା ''ମରିୟମ୍'' ୱକ୍‌ଫେ ନୌ ପିଲାମାନଙ୍କ ପାଇଁ ପ୍ରକାଶ ପାଉଛି । ତାହାକୁ ସ୍ଥାୟୀ ଭାବେ ଲଗାନ୍ତୁ ଏବଂ ଏହି ପ୍ରତ୍ରିକାରୁ ବିଷୟବସ୍ତୁଗୁଡ଼ିକ ନେଇ ନିଜ ପ୍ରତ୍ରିକାରେ ରଖନ୍ତୁ । ସେମାନେ ଭଲ ଭଲ ତର୍‌ବିୟତ୍ ବିଷୟରେ ଲେଖିଛନ୍ତି ।

ସେକ୍ରେଟାରୀ ତର୍‌ବିୟତ୍ ନୌମୁବାଇୟାତ ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ବତାଇଲେ ଯେ, ସାତଜଣ ନୌ ମୁବାଇୟାତ (ନୂଆ ବୟତ କରିଥିବା ମହିଳା) ମାନଙ୍କ ପାଇଁ ସାପ୍ତାହିକ କ୍ଲାସ୍‌ର ଆୟୋଜନ ଜାରି ରହିଛି । ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ସ୍ଥାନୀୟ ଡ଼ଚ୍ ଲୋକମାନଙ୍କର ମଧ୍ୟ ବୟତ କରାନ୍ତୁ । ସେକ୍ରେଟାରୀ ସନ୍‌ଅତ୍ ୱ ଦସ୍ତକାରୀ (ହସ୍ତଶିଳ୍ପ) ନିଜର ରିପୋର୍ଟ ପେଶ୍ କଲେ । ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ସେ ମହାଶୟା ନିଜର ଆମଦାନୀ ବତାଇଲେ ।

ସେକ୍ରେଟାରୀ ସିହତ୍ ଜିସ୍‌ମାନିଙ୍କୁ ହଜୁର ଅନଓ୍ୱର ଅ:ବ:ଅ ପଚାରିଲେ ଯେ, କଣ ସେ ନିଜେ ଖେଳୁଛନ୍ତି । ଏଠାରେ ନିୟମିତ ଖେଳୁଥିବା ମହିଳାମାନଙ୍କର ସଂଖ୍ୟା କେତେ ? ଏଥିରେ ସେ କହିଲେ ଯେ, ୟୁରୋପିୟନ୍ ଭଲିବଲ୍ ଟୁର୍ଣ୍ଣାମେଂଟ ପାଇଁ ଯାଉଛନ୍ତି ।

ସେକ୍ରେଟାରୀ ଜିୟାଫତ୍‌ଙ୍କଠାରୁ ତାଙ୍କ କାର୍ଯ୍ୟ ଏବଂ ବଜେଟ୍ ସମ୍ବନ୍ଧରେ ହଜୁର ଅନଓ୍ୱର ଅ:ବ:ଅ ଜାଣିବାକୁ ଚାହିଁଲେ । ତେଣୁ ସେ ମହାଶୟା ନିଜର ବଜେଟ ସମ୍ବନ୍ଧରେ ବତାଇଲେ ।

ସେକ୍ରେଟାରୀ ତହ୍‌ରିକ୍ ଜଦିଦ୍ ଏବଂ ୱକ୍‌ଫେ ଜଦିଦ୍ ନିଜର ରିପୋର୍ଟ ପେଶ୍ କଲେ । ହଜୁର ଅନଓ୍ୱର ଅ:ବ:ଅ ଏ ନିର୍ଦ୍ଦେଶ ଦେଲେ ଯେ, ଏଥିରେ ସାତ ରୁ ପନ୍ଦର ବର୍ଷ ବୟସର ନାଶିରାତ୍ ପିଲାମାନଙ୍କୁ ସାମିଲ କରାନ୍ତୁ ।

ତା'ପରେ ରିଜିଓନାଲ୍ ଏବଂ ଲୋକଲ୍ ସଦର ସାହିବାମାନେ ଜଣ ଜଣକରି ନିଜ ନିଜର କାମ ସମ୍ବନ୍ଧରେ ହଜୁରଙ୍କୁ ଅବଗତ କରାଇଲେ । ହଜୁର ଅନଓ୍ୱର ଅ:ବ:ଅ ସମସ୍ତଙ୍କଠାରୁ ସେମାନଙ୍କର ମଜ୍‌ଲିସ୍‌ର ତଜ୍‌ନିଦ୍ ସମ୍ବନ୍ଧରେ ପଚାରିଲେ ।

ଜଣେ ଲୋକାଲ୍ ସଦର୍ ସାହିବା କହିଲେ ଯେ ଆଜିକାଲିର ଦୁନିଆରେ ପୁରୁଷ ଏବଂ ମହିଳାମାନଙ୍କୁ କାମ କରିବା ଆବଶ୍ୟକ ତେଣୁ କିଛି ଲଜ୍‌ନାମାନେ ନିଜର କାମ ଯୋଗୁଁ ଯମାତି ପ୍ରୋଗ୍ରାମ୍‌ରେ ସାମିଲ ହୋଇପାରୁନାହାନ୍ତି । ଏ ସଂକ୍ରାନ୍ତରେ ହଜୁର ଆମର ମାର୍ଗଦର୍ଶନ କରାନ୍ତୁ ।

ଏହାର ଉତରରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଏ କଥା ତ ସତ ଯେ ଆଜିକାଲି ପୁରୁଷ ଓ ମହିଳାମାନେ କାମ ନ କରି ଚଳିପାରିବେ ନାହିଁ । ଏହା ହେଉଛି ତର୍‌ବିୟତ୍ ବିଭାଗର କାମ ଯେ ସେମାନଙ୍କୁ ଯମାତି ପ୍ରୋଗ୍ରାରେ ସାମିଲ ହେବାପାଇଁ ମନେ ପକାଇ ଦେବେ । ମୋ ଖୁତ୍‌ବାଗୁଡ଼ିକୁ ଆଖି ଆଗରେ ରଖି ଲଜ୍‌ନାମାନେ ପିଲାମାନଙ୍କର ଭଲ ଭାବେ ଲାଳନପାଳନକ କରିବା ଉଚିତ । ଯଦି ମାଆମାନେ ପୂଣ୍ୟବତୀ ହେବେ ଓ ସେମାନଙ୍କଠାରେ ସଂସାରୀକ ଇଚ୍ଛା ନ ରହିବ, ତେବେ ସେମାନେ ନିଜର ଦାୟିତ୍ୱକୁ ବୁଝିବେ । ଉଦାହରଣ ସ୍ୱରୁପ ଆମେରିକାରେ କିଛି ଲଜ୍‌ନା ଅଛନ୍ତି, ଯେଉଁମାନେ ବାହାରେ ଚାକିରି କରିଛନ୍ତି, ଏହା ସତ୍ୱେ ମଧ୍ୟ ସେମାନଙ୍କର ତର୍‌ବିୟତ୍‌ର ସ୍ତର ମଧ୍ୟ ଉତମ ରହିଛି । ଯଦି ମଜ୍‌ବୁରି ଅଛି ତେବେ ଚାକିରି କରିବାପାଇଁ ଅନୁମତି ଅଛି । ସେହିପରି ଯଦି ସ୍ୱାମୀଙ୍କର ଆମଦାନୀ ଚଳିବାପାଇଁ ଯଥେଷ୍ଟ ନାହିଁ ତେବେ ଅନୁମତି ଅଛି । କିନ୍ତୁ ଆପଣମାନେ ନିଜ ଅହଦ୍ (ପ୍ରତିଶୃତି)କୁ ଗୁରୁତ୍ୱ ଦେବା ଉଚିତ । ନଚେତ ଏହି ଅହଦ୍‌କୁ ଦୋହରାଇବାର କଣ ଲାଭ ?

ଜଣେ ସ୍ଥାନିୟ ସଦର କହିଲେ ଯେ ମୋ ମଜ୍‌ଲିସ୍‌ରେ କିଛି ସଦସ୍ୟା ଏକଥା କହୁଛନ୍ତି ଯେ ଆମେ ଯମାତ୍ ସହିତ ନିଜର ସମ୍ପର୍କ ରଖିବାକୁ ଚାହୁଁଛି ଏବଂ ଚାନ୍ଦା ଦେବାକୁ ଚାହୁଁଛୁ କିନ୍ତୁ ଲଜ୍‌ନା ଇମାଇଲ୍ଲାଃ ସହିତ କୌଣସି ସମ୍ପର୍କ ରଖିବାକୁ ଚାହୁଁନାହୁଁ । କି ଲଜ୍‌ନାଚାନ୍ଦା ଦେବାକୁ ଚାହୁଁନାହୁଁ ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଯମାତ୍‌ରେ ଥିବା ନିଜାମ୍‌ର ସୌନ୍ଦର୍ଯ୍ୟ ହେଉଛି ଏହା କି ଯେଉଁ ଲଜ୍‌ନା ବିଭାଗ ସ୍ଥାପନ ହୋଇଛି, ତାହା ପ୍ରତ୍ୟେକ୍ଷରୂପେ ଖଲିଫାଙ୍କ ମାତେହତ୍ ରହିଛି । ତେଣୁ ସେମାନେ ନିଜ ବୟତ୍‌ର ସର୍ତାବଳୀକୁ ମାନୁନାହାନ୍ତି ଓ କପଟ କରୁଛନ୍ତି ସେମାନେ ଚାନ୍ଦା ଦିଅନ୍ତୁ ବା ନ ଦିଅନ୍ତୁ, ପ୍ରଥମେ ସେମାନଙ୍କୁ ଅହେମଦୀ ବନାନ୍ତୁ । ଯଦି ଚାନ୍ଦା ଦେଇପାରୁନାହାନ୍ତି ତେବେ ମୋଠାରୁ ଅନୁମତି ନେଇପାରିବେ । ସେମାନଙ୍କର ଏ ପରି ଭାବନା ଭୁଲ୍ ଅଟେ କାରଣ ଏହା ଖଲିଫାଙ୍କ ଦ୍ୱାରା ବନା ହୋଇଥିବା ବ୍ୟବସ୍ଥା ଅଟେ । ତେଣୁ ଏଥିରେ ସାମିଲ ହେବାକୁ ପଡ଼ିବ । ଯଦି ଖଲିଫାଙ୍କ ସହିତ ସମ୍ପର୍କ ରଖିଛନ୍ତି ଓ ଅହେମଦୀ ଅଟନ୍ତି ତେବେ ପୁଣି ସେମାନେ ଲଜ୍‌ନା ମେମ୍ବର ରୂପେ ମଧ୍ୟ ଅଛନ୍ତି ।

ଜଣେ ଆମେଲାର ସଦସ୍ୟ ପଚାରିଲେ ଯେ ଯଦି କୌଣସି ଯମାତ୍‌ର ଅବା ଜେଲି ତନ୍‌ଜିମ୍‌ର ୱହଦ୍‌ଦାଦାର୍‌ଙ୍କର ନିକଟ ସମ୍ପର୍କୀୟଙ୍କୁ **ଏଖରାଜେ ନିଜାମ୍‌**ର ଦଣ୍ଡ ମିଳେ ତେବେ ସେହି ୱହ୍‌ଦାଦାର୍ ତା ନିକଟ ସମ୍ପର୍କୀୟ ଦଣ୍ଡିତ ବ୍ୟକ୍ତି ସହିତ କିଭଳି ବ୍ୟବହାର କରିବେ ?

ଏହାର ଉତରରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଏ ଦଣ୍ଡ ତ ମିଳିନାହିଁ କି ଜଲେ୍‌ରେ ବନ୍ଦି କରିଦିଆଯାଉଛି । କେବଳ ମୁକାତିଆ (ଅର୍ଥାତ ଯମାତ୍‌ରୁ ଅଲଗା) କରାଯାଇଅଛି । ଯେମିତି ଆଁ ହଜ୍‌ରତ୍ ସ:ଆ:ସଙ୍କ ସମୟରେ ହୋଇଥିଲା । ଅସଲ ଉଦ୍ଦେଶ୍ୟ ହେଉଛି ଏହା କି ଦଣ୍ଡିତ ବ୍ୟକ୍ତିକୁ ଏ ଅନୁଭବ କରିବାକୁ ଦିଆଯାଉ ଯେ ସେ ଭୁଲ୍ କରିଛି । ତେଣୁ ଦଣ୍ଡ ଏଥିପାଇଁ ଦିଆଯାଇଥାଏ ଯେ ଏଥିରେ ସେ ସୁଧୁରି ପାରିବ ।

*କ୍ରମଶଃ......*

# ଜରୁରୀ ଘୋଷଣା

## ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

**ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-**

**ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।**

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**୨୦୧୯-୨୦ ରେ ଯମାତ୍ ଅହେମଦୀୟା ଉପରେ ଅବତୀର୍ଣ୍ଣ ହୋଇଥିବା ଐଶିକୃପାର ସଂକ୍ଷିପ୍ତ ଚର୍ଚ୍ଚା ।**

**ଅଲ୍ଲାଃ ତାଲାଙ୍କ କୃପାରୁ ଯମାତ୍‌ର ଉନ୍ନତିମୂଳକ ପାଦ ଆଗକୁ ହିଁ ବଢ଼ିଛି ।**

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦାବି କେବଳ ଦାବି ନୁହେଁ ବରଂ ଅଲ୍ଲାଃଙ୍କ ସାହାଯ୍ୟ ସହଯୋଗ ତାଙ୍କ ସହିତ ଓ ତାଙ୍କ ଯମାତ୍ ସହିତ ରହିଛି । ଦୁନିଆର ଏପରି କୌଣସି ଶକ୍ତି ନାହିଁ ଯିଏ ଏହି ଉନ୍ନତିକୁ ରୋକି ପାରିବ ।

---

❖ ପାକିସ୍ତାନ ବ୍ୟତିତ ସାରା ଦୁନିଆରେ ୨୮୮ଟି ନୂଆ ଯମାତ୍ ପ୍ରତିଷ୍ଠା । ❖ ୧୦୪୦ ଟି ସ୍ଥାନରେ ପ୍ରଥମଥର ପାଇଁ ଅହେମଦୀୟତ୍‌ର ସଂଚାର । ❖ ୨୧୭ ଟି ନୂଆ ମସ୍‌ଜିଦ୍‌ର ନିର୍ମାଣ ଯେବେ କି ୯୩ଟି ମସ୍‌ଜିଦ୍ ଯମାତ୍‌କୁ ପ୍ରାପ୍ତ ହୋଇଛି । ❖ ୯୭ଟି ମିଶନ୍ ହାଉସ୍ ଓ ତବ୍‌ଲିଗି ସେଂଟର ବଢ଼ିଛି । ❖ ୧୧୪ଟି ଦେଶରେ ୧୧୧,୪୧ଟି ୱ୍କାରେ ଅମଲ୍ କରାଯାଇଅଛି । ❖ ମର୍କଜି ପ୍ରତିନିଧିମାନଙ୍କର ଗ୍ରସ୍ତ । ❖ ରକିମ୍ ପ୍ରେସ୍ ଅର୍ନ୍ତଗତ ଆଠଟି ଦେଶରେ କାର୍ଯ୍ୟରତ ଛାପାକଳର କର୍ମଶିୟତା । ❖ ଲକ୍ଷଲକ୍ଷ ସଂଖ୍ୟାରେ ପୁସ୍ତକ, ପାମ୍ପଲେଟ୍‌ସ ଏବଂ ଲିଫ୍‌ଲେଟ୍‌ସ ଇତ୍ୟାଦିର ପ୍ରକାଶନ । ❖ ୟସ୍‌ସର୍‌ନଲ୍ କୁର୍‌ଆନ୍ ଶୈଳୀରେ ଖତେ ମଞ୍ଜୁର ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସୁନ୍ଦର ପବିତ୍ର କୋରାନ୍‌ର ମୁଦ୍ରଣ । ❖ ୪୨ଟି ଭାଷାରେ ଭିନ୍ନ ଭିନ୍ନ ପୁସ୍ତକ ଏବଂ ପାମ୍ପଲେଟ୍‌ସ ଇତ୍ୟାଦିର ୪୨ ଲକ୍ଷ ୫୬ ହଜାର ୬୫୯ ସଂଖ୍ୟାରେ ମୁଦ୍ରଣ । ❖ ୨୯ଟି ଭାଷାରେ ୯୪ ଟି ତାଲିମି ଓ୍ୱ ତର୍‌ବିୟତି ଖବରକାଗଜ ଏବଂ ପତ୍ରିକାଗୁଡ଼ିକର ସଫଳ ପ୍ରକାଶନ । ❖ ୨୪ଟି ଭାଷାରେ ଦୁଇ ଲକ୍ଷ ପାଖାପାଖି ପୁସ୍ତକ ପୃଥିବୀର ବିଭିନ୍ନ ଦେଶଗୁଡ଼ିକୁ ରପ୍ତାନି । ❖ ବିଭିନ୍ନ ଦେଶରେ ୭୦୯ ଗୋଟି ଭିନ୍ନ ଭିନ୍ନ ବିଷୟ ଉପରେ ଆଧାରିତ ପୁସ୍ତକ, ଫୋଲ୍‌ଡ଼ର ଏବଂ ପାମ୍ପଲେଟ୍‌ସର ୬୩ ଲକ୍ଷ ୮୭ ହଜାର ସଂଖ୍ୟାରେ ମାଗଣା ବଂଟନ । ❖ ଇତାଲୁୟି ଭାଷାରେ ଅନୁବାଦ ହୋଇଥିବା ପବିତ୍ର କୁର୍‌ଆନ୍‌ର ସମୀକ୍ଷା ସମ୍ପୁର୍ଣ୍ଣ । ❖ ସହି ବୁଖାରୀର ଏଗାରଟି ଖଣ୍ଡ ଉପରେ ଆଧରିତ ଅନୁବାଦ ଏବଂ ବ୍ୟାଖ୍ୟାର ପ୍ରକାଶନ । ❖ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବିଭିନ୍ନ ପୁସ୍ତକଗୁଡ଼ିକର ଇଂଗ୍ରାଜୀ ଅନୁବାଦ । ❖ ୩୬ଟି ଦେଶ ଏବଂ ୮ଟି ଡ଼େସ୍କ ତରଫରୁ ୩୩ଟି ଭାଷାରେ ୧୫୪ ପୁସ୍ତକ ଏବଂ ଫୋଲ୍‌ଡ଼ର୍‌ର ପ୍ରସ୍ତୁତି ।

---

ମସ୍‌ଜିଦ୍‌ର ସ୍ଥାପନା ଏବଂ ଇସ୍‌ଲାମ୍‌ର ପ୍ରସାର ପ୍ରଚାର କାମ ନିମନ୍ତେ ବିଭିନ୍ନ ଜାତି ସହିତ ସମ୍ପର୍କ ରଖିଥିବା ନିଷ୍ଠାପର ଲୋକମାନଙ୍କ ତରଫରୁ ନିସ୍ୱାର୍ଥପର ନିଷ୍ଠା ଏବଂ ବଳିଦାନର ଚର୍ଚ୍ଚା ।

ଶହେ ବର୍ଷ ପରେ ମଧ୍ୟ ଆଫ୍ରିକାର ଗରୀବ ଲୋକମାନେ ଏହି ପ୍ରଥାକୁ କାଏମ୍ କରୁଛନ୍ତି, ଯାହା ଆଜିଠାରୁ ଉଣା ଅଧିକେ ଅଶି ନବେ ବର୍ଷ ପୂର୍ବେ କାଦିଆନ୍‌ର ଗରୀବ ଲୋକମାନେ କାଏମ କରିଥିଲେ......... ଏହା ସତ୍ୟ ନୁହେଁ ତ ଆଉ କଣ ଯେ ଅଲ୍ଲାଃ ତାଲା ସ୍ୱୟଂ ଲୋକମାନଙ୍କ ମନ ଭିତରେ ଏହି ପ୍ରେରଣା ସୃଷ୍ଟି କରୁଅଛି ଯେ କିଭଳି ବଳିଦାନ କରିବାକୁ ହୁଏ ।

ଯେଉଁ ଚର୍ଚ୍ଚ ଏହି ଇଲାକାରେ ମସ୍‌ଜିଦ୍ ତିଆରି କରିବାପାଇଁ ବିରୋଧ କରୁଥିଲା ଏବେ ଅଲ୍ଲାଃଙ୍କ କୃପାରୁ ସେହି ଚର୍ଚ୍ଚରେ ଯମାତ୍ ଅହେମଦୀୟାର ''ମସ୍‌ଜିଦ୍ ମରିୟମ'' ତିଆରି ହୋଇସାରିଛି ।

---

ଆମ ରାସ୍ତାରେ ପବିତ୍ର କୋରାନ୍‌ର ପ୍ରକାଶନ ପାଇଁ, ପଢ଼ିବା ପାଇଁ ଏବଂ ରଖିବା ପାଇଁ ଯେତେ ମାତ୍ରାରେ ପ୍ରତିବନ୍ଧକ ପାକିସ୍ତାନ୍‌ରେ ଛିଡ଼ା କରାଯାଉଅଛି, ଅଲ୍ଲାଃ ତାଲା ସେତେ ମାତ୍ରାରେ ଅଧିକା ଉତମ ମାର୍ଗ ଆମ ପାଇଁ ଖୋଲି ଚାଲିଛି ।

ଏହିଭଳି ବାସ୍ତବିକ ଛବିକୁ ଯମାତ୍ ଅହେମଦୀୟା ଶତୃମାନଙ୍କ ମଧ୍ୟ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ମନାଉଛନ୍ତି, ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ପଦମର୍ଯ୍ୟାଦା ଏବଂ ଆଦର୍ଶର ସଠିକ୍ ଜ୍ଞାନ ଦେଉଅଛି ଏବଂ ଏହି ତଥାକଥିତ ଓ୍ୱଲେମାମାନେ, ଯେଉଁମାନେ ନିଜକୁ ଇସ୍‌ଲାମ୍‌ର ଠିକାଦାର ମଣୁଛନ୍ତି, ସେମାନେ ଅନ୍ୟମାନଙ୍କୁ ଇସ୍‌ଲାମ୍‌ରୁ ଏବଂ ପବିତ୍ର କୋରାନ୍‌ଠାରୁ ଦୂରେଇ ରଖୁଛନ୍ତି ଏବଂ ପୁଣି ଆମ ବିରୁଦ୍ଧରେ କହୁଛନ୍ତି ।

ଆଶା ଅଛି ଯେ ଯଦି ଅଲ୍ଲାଃ ଚାହାନ୍ତି ଏବଂ ବିରୋଧିମାନଙ୍କର ଅପଚେଷ୍ଟା ସବୁ ଦିନେ ଶେଷ ହୋଇଯିବ ଏବଂ ଅଲ୍ଲାଃଙ୍କ ସାହାଯ୍ୟ ଓ ସହଯୋଗ ଇନ୍‌ଶାଅଲ୍ଲାଃ ଆମ ସହିତ ରହିବ ଓ ଏବେ ମଧ୍ୟ ରହିଛି ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]**
**(ପ୍ରଦତ୍ତ: ୦୭ ଅଗଷ୍ଟ ୨୦୨୦ ଅନୁଯାୟୀ ୦୭ ଜହୁର୍ ୧୩୯୯ ହିଜ୍‌ରି ଶମ୍‌ସି)**

ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ ۔ اَلْحَمْدُ لِلّٰهِ رَبِّ
الْعٰلَمِيْنَ ۔ الرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ۔ اِهْدِنَا الصِّرَاطَ
الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔
يُرِيْدُوْنَ لِيُطْفِـُٔوْا نُوْرَ اللّٰهِ بِاَفْوَاهِهِمْ وَاللّٰهُ مُتِمُّ نُوْرِهٖ وَلَوْ كَرِهَ الْكٰفِرُوْنَ ○ هُوَ الَّذِيْٓ
اَرْسَلَ رَسُوْلَهٗ بِالْهُدٰى وَدِيْنِ الْحَقِّ لِيُظْهِرَهٗ عَلَى الدِّيْنِ كُلِّهٖ ۙ وَلَوْ كَرِهَ الْمُشْرِكُوْنَ ○
(الصّف:9-10)

ଅର୍ଥାତ ସେମାନେ ଆପଣା ମୁଖ ଦ୍ୱାରା ଅଲ୍ଲାଃଙ୍କ ଜ୍ୟୋତିକୁ ଲିଭାଇଦେବାକୁ ଇଚ୍ଛା କରୁଛନ୍ତି ଏବଂ ଅବିଶ୍ୱାସକାରୀମାନେ ଯେତେ ଅପସନ୍ଦ କଲେ ମଧ୍ୟ ଅଲ୍ଲାଃ ନିଜ ଜ୍ୟୋତିକୁ ସମ୍ପୂର୍ଣ୍ଣ କରିବେ ସେ ହିଁ ନିଜର ରସୁଲ୍‌ଙ୍କୁ ସତ୍‌ପଥ ସହିତ ଓ ସତ୍ୟଧର୍ମ ପ୍ରଦାନ କରି ପ୍ରେରଣ କରିଛନ୍ତି ଯଦ୍ୱାରା କି ମୁଶ୍‌ରିକ୍‌ମାନେ ଯେତେ ଅପସନ୍ଦ କଲେ ମଧ୍ୟ ସେ ତାହାକୁ ସମସ୍ତ ଧର୍ମ ଉପରେ ବିଜୟୀ କରିବେ ।

ଆଜି ଅଗଷ୍ଟ ମାସ ସାତ ତାରିଖ ଏବଂ ଯମାତ୍ ଅହେମଦୀୟା ଇଂଲଣ୍ଡର କ୍ୟାଲେଣ୍ଡର ଅନୁଯାୟୀ ଇଂଲଣ୍ଡ ଜଲ୍‌ସା ସାଲାନାର ପ୍ରଥମ ଦିବସ କିନ୍ତୁ ଏହି ମହାମାରି ଯୋଗୁଁ ଯାହାକି ସମଗ୍ର ସଂସାରରେ ପରିବ୍ୟାପ୍ତ ରହିଛି, ଜଲ୍‌ସାର କାର୍ଯ୍ୟକ୍ରମକୁ ସ୍ଥଗିତ କରିଦିଆଯାଇଛି । ଅଲ୍ଲାଃ ତାଲାଙ୍କ ନିକଟରେ ଆକୁଳ ଗୁହାରି ଯେ ସେ ପରିସ୍ଥିତିକୁ ଅନୁକୂଳ କରନ୍ତୁ ଯଦ୍ୱାରା ଆମେ ପାରମ୍ପରିକ ପ୍ରଥାରେ ଜଲ୍‌ସାର କାର୍ଯ୍ୟକ୍ରମ କରିପାରିବା । ଯେଭଳି ସର୍ବଦା ଆମେ କରିଆସୁଅଛେ ଏବଂ ପାରସ୍ପରିକ ଭାତୃଭାବ ସୁଦୃଢ଼ କରିବା ତଥା ଜଲ୍‌ସାର କାର୍ଯ୍ୟକ୍ରମ ଶୁଣି ନିଜ ଜ୍ଞାନଭିତିକ ଓ ଆଧ୍ୟାତ୍ମିକ ଅବସ୍ଥାକୁ ଉନ୍ନିତ କରିବା ଯେଭଳି ପୂର୍ବେ କରୁଥିଲେ । ସେ ଯାହା ହେଉ ଏହି ଶୂନ୍ୟସ୍ଥାନକୁ ଏମ୍‌ତିଏ ସୀମିତ ସୀମା ପର୍ଯ୍ୟନ୍ତ ପୂରଣ କରିବାକୁ ଚେଷ୍ଟା କରିଛି ଏବଂ ଗତବର୍ଷ ବିଭିନ୍ନ ଦେଶଗୁଡ଼ିକରେ ଅନୁଷ୍ଠିତ ହୋଇଥିବା ବାର୍ଷିକ ଧର୍ମ ସମ୍ମିଳନୀରେ ମୋ ଅଭିଭାଷଣକୁ ଚୟନ କରି କିଛି କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି ଏଥିରେ କିଛିଟା ସିଧାପ୍ରସାରଣ ମଧ୍ୟ ରଖାଯାଇଛି । ଯଦ୍ୱାରା ଯମାତ୍‌ର ସଦସ୍ୟମାନଙ୍କ ଧାର୍ମିକ ଓ ଭୌତିକ ଜ୍ଞାନର ତୃଷ୍ଣା ନିବାରଣ କରିବାରେ ସହାୟ ହେବ । ତେଣୁ ଏହି ତିନିଦିନ ଘରେ ବସି ବିଶେଷ ଭାବରେ ଏହି କାର୍ଯ୍ୟକ୍ରମଗୁଡ଼ିକୁ ଦେଖନ୍ତୁ ଏଥି ସହିତ ମୋର ଏଥିପ୍ରତି କେନ୍ଦ୍ରିତ ହେଲା ଯେ ବର୍ଷ ସାରା ପ୍ରଭୁଙ୍କର ଯେଉଁ କୃପା ବର୍ଷଣ ହେଉଛି । ସେଥିଯୋଗୁଁ ଗତବର୍ଷର ରିପୋର୍ଟ ଉପସ୍ଥାପନ କରିବା ପରିବର୍ତେ ଚଳିତ ବର୍ଷର ରିପୋର୍ଟ ଏହି ଖୁତ୍‌ବାରେ ଉପସ୍ଥାପନ କରେ ଯାହାକି ସଦସ୍ୟମାନଙ୍କ ବିଶ୍ୱାସରେ ଅଭିବୃଦ୍ଧିର କାରଣ ସାବ୍ୟସ୍ତ ହେବ । ଗତ ଛଅ ସାତ ମାସ ହେଲା ଯେଉଁ ଉତ୍କଟ ପରିସ୍ଥିତି ଅଭ୍ୟାହତ ରହିଛି ଯଦ୍ୱାରା ବାହାରକୁ ବାହାରିବା ଏବଂ ଅଧିକ ଯୋଜନା ବଦ୍ଧ ଭାବରେ କାର୍ଯ୍ୟ ହୋଇପାରିନାହିଁ, ତଥାପି ଯମାତ୍ ଉନ୍ନତି ପଥରେ ଆଗକୁ ଆଗ ବଢ଼ିଚାଲିଛି ବିଶେଷ ଭାବରେ ମତେ ଅନେକ ଲୋକ ପତ୍ର ଲେଖିଛନ୍ତି ଯେ ଯମାତ୍ ସହ ସମ୍ପର୍କ ସ୍ଥାପନ ଓ ପ୍ରଶିକ୍ଷଣ ଯୋଗୁଁ ସେମାନଙ୍କ ମଧ୍ୟରେ ଅଭୁତପୂର୍ଣ୍ଣ ପରିବର୍ତନ ସୃଷ୍ଟି ହୋଇଅଛି । ଏହା କେବଳ ବୟସ୍କ ଲୋକ ନୁହେଁ ବରଂ ପିଲାମାନେ ମଧ୍ୟ ଲେଖି ଜଣାଇଛନ୍ତି । ସେ ଯାହା ହେଉ ଜଲ୍‌ସାର ଦ୍ୱିତୀୟ ଦିନ ମୁଁ ଯମାତ୍‌ର ଉନ୍ନତି ଓ ଅଭିବୃଦ୍ଧି ସକ୍ରାନ୍ତରେ ଯେଉଁ ରିପୋର୍ଟ ଉପସ୍ଥାପନ କରେ ଯାହାର ଅଧିକାଂଶ ଅଂଶ ସମୟର ଅଭାବଯୋଗୁଁ ରହିଯାଇଥାଏ, ଏଥର ମୁଁ ନିଷ୍ପତି ନେଲି ଯେ ଖୁତ୍‌ବା ଜୁମାରେ ହିଁ ତାହାର କିଛି ଅଂଶ ଉପସ୍ଥାପନ କରିଦେବି ଏବଂ ବାକି ଅଂଶ ରବିବାର ଦିନ ସଂଧ୍ୟାବେଳେ ଥିବା ସିଧାପ୍ରସାରଣରେ ତାହାକୁ ସମାପ୍ତ କରିନେବି । ଯଦିଚ ଉଭୟ କାର୍ଯ୍ୟକ୍ରମରେ ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିବା ସମ୍ଭବ ନୁହେଁ ତଥାପି କେବଳ କେତେକ ବିଶ୍ୱାସବର୍ଦ୍ଧକ ଘଟଣାବଳୀ ଇନ୍‌ଶାଅଲ୍ଲାଃ ତାଲା ଉପସ୍ଥାପନ କରିବି ।

ଏହି ରିପୋର୍ଟରେ ମୁଁ ବିଶେଷ point ଗୁଡ଼ିକୁ ଉପସ୍ଥାପନ କରିବା ପୂର୍ବରୁ ମୁଁ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ର କିଛି କଥନ ଚର୍ଚ୍ଚା କରିବାକୁ ଚାହେଁ ଯେଉଁଥିରେ ଉପରୋକ୍ତ ପଂକ୍ତିର ସ୍ପଷ୍ଟିକରଣ ଉଲ୍ଲେଖ ରହିଛି ଯାହାକୁ ମୁଁ ଏବେ ତିଲାଓ୍ୱତ୍ କରିଛି । ଯେଉଁଥିରେ ହଜୁର ସ:ଆ:ସଙ୍କ ସ୍ପଷ୍ଟ ଓ ସ୍ୱଚ୍ଛ ବର୍ଣ୍ଣନା ରହିଛି ଯେ, ଇସ୍‌ଲାମ୍‌ର ପ୍ରଚାର ନିମନ୍ତେ ବର୍ତମାନ ଇସ୍‌ଲାମ୍‌ର ଏହି ଦ୍ୱିତୀୟ ପ୍ରର୍ଯ୍ୟାୟରେ ଯାହାକି ଆପଣ ଆ:ସଙ୍କ ସହ ସଂଶ୍ଳିଷ୍ଟ ତାହା ସମସ୍ତ ପ୍ରକାର ବାଧାବିଘ୍ନ ଓ ବିରୋଧୀ ଆଚରଣ ସତ୍ୱେ ଇନ୍‌ଶାଅଲ୍ଲାଃ ତାଲା ପ୍ରସାର ଲାଭ କରିବ ଏବଂ ଏହା ପ୍ରଭୁଙ୍କର ଅଙ୍ଗୀକାର ଯାହା ନିଶ୍ଚିତରୂପେ ପୂରଣ ହେବ । ବର୍ତମାନ ମୁଁ ଯେଉଁ ରିପୋର୍ଟ ଉପସ୍ଥାପନ କରିବି ତାହା ମଧ୍ୟ ସ୍ପଷ୍ଟରୂପେ ଦର୍ଶାଉଅଛି ଯେ ହଜୁରଙ୍କ ଦାଓ୍ୱା ମାତ୍ର ଏକ ଦାଓ୍ୱା (ଦାବି) ନଥିଲା ବରଂ ଅଲ୍ଲାଃ ତାଲାଙ୍କର ସାହାଯ୍ୟ ଓ ସହଯୋଗ ଥିଲା । ଯାହାକି ହଜୁର ଆ:ସ ଓ ଯମାତ୍ ସହିତ ଲାଗି ରହିଛି ଏବଂ ଏହି ଉନ୍ନତିକୁ କାହାର କ୍ଷମତା ନାହିଁ ଯେ ରୋକି ପାରିବ ।

ହଜ୍‌ରତ୍ ମସିହ ମଉଦ୍ ଆ:ସ କୁହନ୍ତି ପାଖାପାଖି ୨୦ ବର୍ଷ ବିତିଗଲାଣି କି ପରମେଶ୍ୱର ପବିତ୍ର କୁର୍‌ଆନ୍‌ର ଏହି ପଂକ୍ତି ଐଶିବାଣୀ କଲେ: ***ହୁଓ୍ୱଲ୍‌ଲଜି ଅର୍‌ସଲା ରସୁଲହୁ ବିଲ୍‌ହୁଦା ଓ୍ୱ ଦୀନିଲ୍ ହକ୍‌କି ଲି ୟୁଜ୍‌ହିରହୁ ଅଲଦ୍‌ଦୀନି କୁଲ୍ଲିହି ।*** ଅର୍ଥାତ: ସେହି ଅଲ୍ଲାଃ ହିଁ ନିଜ ରସୁଲ୍‌ଙ୍କୁ ସତ୍‌ପଥ ସହିତ ଓ ସତ୍ୟଧର୍ମ ପ୍ରଦାନ କରି ପ୍ରେରଣ କରିଛନ୍ତି ଯଦ୍ୱାରା କି ମୁସ୍‌ରିକ୍‌ମାନେ ଯେତେ ଅପସନ୍ଦ କଲେ ମଧ୍ୟ (ସେ) ତାହାଙ୍କୁ ସମସ୍ତ ଧର୍ମ ଉପରେ ବିଜୟୀ କରିବେ । ମତେ ଏହି ପଂକ୍ତିର ଅର୍ଥ ଏହା ବୁଝାଗଲା କି ମୁଁ ପରମେଶ୍ୱରଙ୍କ ନିକଟରୁ ଏଥିପାଇଁ ପ୍ରେରିତ ହୋଇଛି ମୋ ହସ୍ତରେ ପ୍ରଭୁ ଇସ୍‌ଲାମ୍‌କୁ ସମଗ୍ର ସଂସାରରେ ବିଜୟୀ କରିବେ । ମନେରଖ ଯେ, ଏହା ପବିତ୍ର କୋରାନ୍‌ର ଏକ ସର୍ବଶ୍ରେଷ୍ଠ ଭବିଷ୍ୟବାଣୀ ଯାହା ପ୍ରସଙ୍ଗରେ ମୁସଲମାନ ବିଦ୍ୱାନ ଓ ଗବେଷଣା କାରୀ ସମସ୍ତେ ଏକମତ ଯେ, ଏହା ମସିହଙ୍କ ହସ୍ତରେ ହିଁ ପୂରଣ ହେବ । ତେଣୁ ଯେତେକ ସାଧୁସନ୍ଥ ମୋ ପୂର୍ବରୁ ବାହୁଡ଼ି ଯାଇଛନ୍ତି । ସେମାନଙ୍କ ମଧ୍ୟରୁ କେହିଜଣେ ହେଲେ ମଧ୍ୟ ମସିହ ହେବାର ଘୋଷଣା କରିନାହାନ୍ତି ଏବଂ କେହି ହେଲେ ଉକ୍ତ ପଂକ୍ତିର ଆଖ୍ୟା ପାଇବାର ଦାଓ୍ୱା (ଦାବି) ମଧ୍ୟ କଲେ ନାହିଁ । କିନ୍ତୁ ମତେ ଏହି ଭବିଷ୍ୟବାଣୀ ହେଲା ଏବଂ ମୋତେ ଦର୍ଶାଗଲା କି ତୁମେ ହିଁ ଏହି ପଂକ୍ତିର ଚରିତାର୍ଥ ତୁମ ହସ୍ତରେ ଓ ତୁମ ଯୁଗରେ ଇସ୍‌ଲାମ୍‌ର ଶ୍ରେଷ୍ଠତା ଅନ୍ୟ ଧର୍ମ ଉପରେ ପ୍ରତିପାଦିତ ହେବ" । ***(ତରିୟାକୁଲ୍ କୁଲୁବ୍, ରୁହାନି ଖଜାଇନ୍ ଖଣ୍ଡ-୧୫, ପୃ-୨୩୧-୨୩୨)*** । ପୁଣି ଆପଣ ଆ:ସ କହୁଛନ୍ତି "ବର୍ତମାନ ଇସ୍‌ଲାମ୍ ହିଁ ଏକମାତ୍ର ଜୀବିତ ଧର୍ମ ଏବଂ ଏହି ଧର୍ମରେ ହିଁ ସର୍ବଦା ବସନ୍ତ ଋତୁର ଆଗମନ ହୋଇଥାଏ । ଯେତେବେଳେ ତାହାର ବୃକ୍ଷମାନ ସବୁଜିମା ହୋଇଯାଏ ଏବଂ ସେ ସୁନ୍ଦର ଓ ସ୍ୱାଦିଷ୍ଟ ଫଳ ପ୍ରଦାନ କରିଥାଏ । ଏତଦ୍‌ବ୍ୟତିତ ଅନ୍ୟ କୌଣସି ଧର୍ମରେ ଏହି ବିଶେଷଗୁଣ ନାହିଁ । ଯଦି ଇସ୍‌ଲାମ୍‌ରୁ ଏହି ଗୁଣ କାଢ଼ିନିଆଯାଏ ତେବେ ତାହା ମଧ୍ୟ ନିର୍ଜୀବ ପାଲଟିଯିବ । କିନ୍ତୁ ପ୍ରଭୁ ପ୍ରତି ଯୁଗରେ ଏହା ଜୀବିତ ହେବାର ପ୍ରମାଣ ଦେଇଆସୁଅଛନ୍ତି । ସୁତରାଂ ସାମ୍ପ୍ରତିକ ଯୁଗରେ ମଧ୍ୟ ପ୍ରଭୁ ଏହି ଯମାତ୍‌ର ସ୍ଥାପନ କରି ତାହାର ପ୍ରମାଣ ଦେଇଛନ୍ତି । ଯଦ୍ୱାରା ପରମେଶ୍ୱରଙ୍କ ବ୍ରହ୍ମଜ୍ଞାନ ଅଭିବୃଦ୍ଧି ଘଟିବ ଏବଂ ଏଭଳି ଆସ୍ଥା ଉତ୍ପନ୍ନ ହେବ ଯାହାକି ମନ୍ଦ ଓ ଅପବିତ୍ରତାକୁ ଭସ୍ମ କରି ପୂଣ୍ୟ ଓ ପବିତ୍ରତାକୁ ପ୍ରସାରିତ କରିବ" । ***(ମଲ୍‌ଫୁଜାତ୍ ଖଣ୍ଡ-୯, ପୃ-୧୫୪-୧୫୫ ଏଡ଼ିଶ୍‌ନ ୧୯୮୪)***

ଏହି ସନ୍ଦର୍ଭ ପରେ ମୁଁ କିଛି ରିପୋର୍ଟ ଉପସ୍ଥାପନ କରିବାକୁ ଯାଉଛି । ଅଲ୍ଲାଃ ତାଲାଙ୍କ କୃପାରୁ ଚଳିତ ବର୍ଷ ପାକିସ୍ତାନକୁ ବାଦ୍ ଦେଲେ ସମଗ୍ର ବିଶ୍ୱରେ ୨ଶହ ୮୮ ଗୋଟି ନୂତନ ଯମାତ୍ ପ୍ରତିଷ୍ଠା ହୋଇଛି । ଏତଦ୍‌ବ୍ୟତିତ ୧୦୪୦ ରୁ ଅଧିକ ନୂତନ ସ୍ଥାନରେ ପ୍ରଥମଥର ପାଇଁ ଅହେମଦୀୟା ଯମାତ୍‌ର ଚାରାରୋପଣ କରାଯାଇଅଛି । ନୂତନ ଯମାତ୍ ସ୍ଥାପନରେ ସିରିୟାଲିୟୋନ ସର୍ବପ୍ରଥମ ସ୍ଥାନରେ ରହିଛି ଯେଉଁଠାରେ ୪୦ଟି ନୂତନ ଯମାତ୍ ସ୍ଥାପନ ହୋଇଛି । ତାହାପରେ କଙ୍ଗୋ କନ୍‌ସସା ଯମାତ୍ ରହିଛି ଯେଉଁଠାରେ ୩୧ଗୋଟି ନୂତନ ଯମାତ୍ ସ୍ଥାପନ କରାଯାଇଛି । ତୃତୀୟ ସ୍ଥାନରେ ଘାନା ରହିଛି ଯେଉଁଠି ୨୩ଗୋଟି ଯମାତ୍ ପ୍ରତିଷ୍ଠା ହୋଇଛି । ଏତଦ୍‌ବ୍ୟତିତ ଅନ୍ୟାନ୍ୟ ଦେଶମାନଙ୍କରେ ମଧ୍ୟ ନୂତନ ଯମାତ୍ ସ୍ଥାପିତ କରାଯାଇଛି ଯେଉଁଥିରେ ଗାମ୍ବିୟା, ଲାଇବେରିଆ, ବେନିନ୍, ଆଇଭରିକୋଷ୍ଟ, ନାଇଜର୍, ସେନିଗାଲ୍, ଗିନିବସାଉ, ତାନ୍‌ଜାନିୟା, ଗିନି କନାକରି, ନାଇଜେରିଆ, ଟୋଗୋ, ସାଉତୁମେ, କାମେରୁନ୍, ତୁର୍କୀ, କଙ୍ଗୋ ବ୍ରାଜାଓ୍ୱିଲ୍, ୟୁଗାଣ୍ଡା ଏହିପରି ଅନେକ ଦେଶମାନ ରହିଛନ୍ତି ।

କଙ୍ଗୋ କନ୍‌ସାସାର ଆମ ମୌଲବୀ ହମିଦ୍ ଅହ୍‌ମଦ୍ ସାହେବ କୁହନ୍ତି, ନିକଟସ୍ଥ ଏକ ଗ୍ରାମ ଲୋକି ଗାଗୋର ସୁନି ଇମାମ୍ ଉସ୍ମାନ ସାହେବ୍ ରେଡ଼ିଓ ରେ ଆମ ବାର୍ତା ଶୁଣିଲେ ସେ ଆସି ଆମ ମସ୍‌ଜିଦ୍‌ରେ ପହଂଚିଗଲେ ଏବଂ ବିଭିନ୍ନ ପ୍ରଶ୍ନ ପଚାରିବା ଆରମ୍ଭ କରିଦେଲେ ଏଥିରେ ଆମେ ତାଙ୍କୁ ସମସ୍ତ ପ୍ରଶ୍ନର ସାନ୍ତ୍ୱନାମୂଳକ ଉତର ପ୍ରଦାନ କରିବା ସହିତ ସଓ୍ୱାହିଲ୍ ଭାଷାରେ ଅନୁବାଦ ହୋଇଥିବା ଯମାତ୍‌ର ପବିତ୍ର କୁରାନ୍ ଉପହାର ସ୍ୱରୁପ ପ୍ରଦାନ କଲୁ । ତଥା ଅନ୍ୟାନ୍ୟ ପୁସ୍ତକମାନ ମଧ୍ୟ ପଢ଼ିବାପାଇଁ ଦିଆଗଲା ସେଗୁଡ଼ିକର ଅଧ୍ୟୟନ କରିବାପରେ ଅଲ୍ଲାଃଙ୍କ କୃପାରୁ ସେ ବୟତ କରିନେଲେ ଏବଂ ପ୍ରତିଶୃତି ଦେଇଗଲେ ଯେ, ଏଠାରୁ ଯାଇ ନିଜ ଗ୍ରାମରେ ଯମାତ୍‌ର ପ୍ରଚାର ଓ ପ୍ରସାର କାର୍ଯ୍ୟ କରିବି ଏବଂ ସେ ସେହିପରି ହିଁ କଲେ । ଫଳତଃ ତାଙ୍କ ଗ୍ରାମରେ ବର୍ତମାନ ୨୦ ରୁ ଅଧିକ ଲୋକ ବୟତ କରି ଯମାତ୍ ଅହେମଦୀୟା ଅର୍ନ୍ତଭୁକ୍ତ ହୋଇଗଲେଣି ।

ଗାମ୍ବିୟାର ଅମିର୍ ସାହେବ ଲେଖିଛନ୍ତି ରମ୍‌ଜାନ୍‌ର ମାସରେ ଗୋଟିଏ ରିଜିୟନ୍ ର ମୌଲବୀ ଓ ସଦର୍ ସାହେବ ମିଳିତ ହୋଇ ଏକ ପ୍ରୋଗ୍ରମ ପ୍ରସ୍ତୁତ କଲେ ଏବଂ ପ୍ରଚାର ପାଇଁ ଗୋଟିଏ ଗ୍ରାମକୁ ଚାଲିଗଲେ । ସେଠାକାର ଜଣେ ବୟସ୍କ ବ୍ୟକ୍ତି ତାଙ୍କୁ ଦେଖି କହିଲେ ଆପଣମାନଙ୍କ ଆଗମନକୁ ନେଇ ମୁଁ ଅତି ଆନନ୍ଦିତ କାରଣ ଏହି ପ୍ରଚାର କାର୍ଯ୍ୟ ଯାହାକି ଆପଣମାନେ କରୁଛନ୍ତି ବାସ୍ତବରେ ଏହା ହଜୁର ସ:ଆ:ସଙ୍କ ସୁନ୍ନତ । ଏବଂ ଏଥିଯୋଗୁଁ ହଜୁର ସ:ଆ:ସ ମକ୍କାରୁ ମଦିନା ହିଜ୍‌ରତ୍ କରିଥିଲେ ଯଦ୍ୱାରା ଇସ୍‌ଲାମ୍ ପ୍ରସାର ଲାଭ କଲା ଏହା ଆଫ୍ରିକୀୟମାନଙ୍କ ଢ଼ଙ୍ଗ ନିଜ କଥା ଉପସ୍ଥାପନ କରିବାର । ତେବେ ସେ କହିଲେ ଆପଣମାନେ ମଧ୍ୟ ହିଜ୍‌ରତ୍ କରି ଏଠାରେ ଇସ୍‌ଲାମ୍‌ର ପ୍ରଚାର କରୁଛନ୍ତି ଯାହାକି ବାସ୍ତବିକ ରୂପେ ଇସ୍‌ଲାମ୍‌ର ପ୍ରଚାର ଅଟେ । ଆପଣମାନେ ଇମାମ୍ ମେହେଦୀଙ୍କ ଆଗମନର ଯେଉଁ ଶିକ୍ଷା ଉପସ୍ଥାପନ କଲେ ତାହା ହେଉଛି ପ୍ରକୃତ ଇସ୍‌ଲାମ୍‌ର ଶିକ୍ଷା ତେଣୁ ଆମେ ସମସ୍ତେ ବିଶ୍ୱାସ ଆଣୁଛୁ ଏବଂ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହ୍‌ମଦ୍ ସାହେବଙ୍କୁ ସେହି ଇମାମ୍ ମସିହ ମଉଦ୍ ସ୍ୱୀକାର କରୁଛୁ ଯାହାର ଭବିଷ୍ୟବାଣୀ ହଜୁର ସ:ଆ:ସ ପ୍ରଦାନ କରିଥିଲେ । ଏଠି ଅଲ୍ଲାଃଙ୍କ କୃପାରୁ ଦୁଇଟି ପରିବାରର ମୋଟ ୧୯ ଜଣ ସଦସ୍ୟ ବୟତ କରି ଅହେମଦୀୟତ୍‌ରେ ସାମିଲ୍ ହେଲେ ।

ଅମୀର୍ ସାହେବ ଲାଇବେରିଆ ଲେଖିଛନ୍ତି, ଆମ ମିଶିନାରୀ ଖୁତ୍‌ବା ଜୁମାରେ ତହ୍‌ରିକେ ଜଦିଦ୍ ପ୍ରସଙ୍ଗରେ ଅର୍ଥଦାନର ଗୁରୁତ୍ୱ କଥା ବୁଝାଇଲେ । ସେଠାକୁ କିଛି ଅଣଅହେମଦୀ ନମାଜ୍ ପାଠ କରିବା ନିମନ୍ତେ ଆସିଥିଲେ । ଯେତେବେଳେ ଅହେମଦୀ ଚାନ୍ଦା ଦେବାପାଇଁ ନିଜ ନାମ ଦରଜ୍ କଲେ ସେତେବେଳେ ସେମାନଙ୍କ ମଧ୍ୟରୁ ଜଣେ ଆସି ୫୦ ଲାଇବେରିଆନ୍ ଡ଼ଲାର୍ ପଇଠ କଲେ ଏବଂ ନୀରବତାର ସହ ଚାଲିଗଲେ । ପଚରା ଉଚରା କରିବାରୁ ଜଣାପଡ଼ିଲା ସେ ନିକଟସ୍ଥ ଗ୍ରାମର ବାସିନ୍ଦା, ଖୁତ୍‌ବା ଶୁଣି ସେ ପ୍ରଭାବିତ ହୋଇ ଏଭଳି କରିଛନ୍ତି ଅର୍ଥାତ ଅର୍ଥଦାନ କରିଛନ୍ତି । ଯଦ୍ୱାରା ଆମ ମୌଲବୀ ସାହେବ ଉକ୍ତ ଗ୍ରାମକୁ ଯାଇ ତାଙ୍କୁ କୃତଜ୍ଞତା ଜ୍ଞାପନ କଲେ । ସେତିକିବେଳେ ଗ୍ରାମର ଅନେକ ଲୋକମାନେ ମଧ୍ୟ ଆସି ସେଠାରେ ପହଂଚିଗଲେ ଏବଂ ଏକଥା ସେଠାକାର ଇମାମ୍ ମଧ୍ୟ ଶୁଣି ପ୍ରଭାବିତ ହେଲେ । ତଥା କହିଲେ ଆପଣ ପୂର୍ନବାର ଆସନ୍ତୁ ଆମେ ଆଖପାଖର ଦୁଇତିନୋଟି ଗ୍ରାମର ଲୋକମାନଙ୍କୁ ଏକତ୍ରିତ କରିବୁ । ଫଳତଃ ଆପଣ ନିଜ ବାର୍ତା ପ୍ରଦାନ କରିପାରିବେ । ଅତଏବ୍ ପୂର୍ବରୁ ଧାର୍ଯ୍ୟ ଦିନରେ ଆମ ପ୍ରତିନିଧିଦଳ ସେଠାରେ ପହଂଚିଲେ ଏବଂ ଯମାତ୍‌ର ଶିକ୍ଷା ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ କଲେ । ପରେ ପ୍ରଶ୍ନ ଉତରର କାର୍ଯ୍ୟକ୍ରମ ମଧ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ ଅନୁଷ୍ଠିତ ହେଲା । ଯେତେବେଳେ ସମସ୍ତେ ଆଶ୍ୱସ୍ତ ହୋଇଗଲେ । ସେତେବେଳେ ତିନି ଗ୍ରାମର ଇମାମ୍ ସମେତ ସମସ୍ତ ଲୋକେ ଅହେମଦୀ ହେବାର ଘୋଷଣା କଲେ । ପ୍ରଭୁଙ୍କ କୃପାରୁ ବର୍ତମାନ ସେହି ତିନୋଟି ଗ୍ରାମରେ ଅହେମଦୀୟତ ପ୍ରତିଷ୍ଠା ହୋଇସାରିଛି ।

ଲାଇବେରିଆରୁ ଆମ ମୁବ୍‌ଲିଗ୍ ସାହେବ୍ ଲେଖିଛନ୍ତି ଯେ, କାଲାଙ୍ଗୁର୍ ନାମକ ଏକ ଗ୍ରାମକୁ ଜୁମା ଦିନ ପ୍ରଚାର ନିମନ୍ତେ ଆମେ ବାହାରିଗଲୁ ମୁଁ ସେଠାରେ ନମାଜ ଜୁମାର ଦୁଇଘଂଟା ପୂର୍ବରୁ ପହଂଚିଥିଲି । ପ୍ରାରମ୍ଭିକ ବାର୍ତାଳାପରୁ ଜଣାପଡ଼ିଲା ଯେ, ଲୋକେ ମସ୍‌ଜିଦ୍‌ରେ ଜୁମା ନମାଜ ପଢୁନାହାନ୍ତି ବରଂ ନିକଟସ୍ଥ ବଡ଼ ଗ୍ରାମରେ ଯାଇ ଜୁମା ନମାଜ ପଢୁଛନ୍ତି ଏବଂ ମାତ୍ର ଦୁଇ ତିନିଜଣ ଲୋକ ଜୁମା ନମାଜ ପଢ଼ିବାକୁ ଯାଉଛନ୍ତି । ବାକି ଗ୍ରାମବାସୀ ଗଣ ଜୁମା ନମାଜ ପଢୁନାହାନ୍ତି । କାରଣ ପଚାରିବାରୁ ଲୋକେ କହିଲେ, ବଡ଼ ଇମାମ୍ ସାହେବ କହିଛନ୍ତି ଏଠାରେ ଜୁମା ନମାଜ ପ୍ରାରମ୍ଭ କରିବା ପୂର୍ବରୁ ତିନିଗୋଟି ମେଷ ଜେଭ କରିବା ଜରୁରୀ ଅଟେ ଏବଂ ଯେତେବେଳେ ଇମାମ୍ ସାହେବଙ୍କୁ ଉକ୍ତ ପଶୁର ମାଂସ ମିଳିଯିବ ତେବେ ଯାଇ ସେ କାହାରିକୁ ଏଠାରେ ଜୁମା ନମାଜ ପଢ଼ିବାକୁ ମୁତୟନ କରିଦେବେ । ଆମେ ସେମାନଙ୍କୁ ବୁଝାଇବାକୁ ବହୁତ ଚେଷ୍ଟା କଲୁ ଯେ ଜୁମା ନମାଜ ପଢ଼ିବା ନିମନ୍ତେ ଏଭଳି କୌଣସି ସର୍ତ ଇସ୍‌ଲାମ୍‌ରେ ନାହିଁ । ନମାଜ ଜୁମାର ଆଶିଷ ସମ୍ବନ୍ଧରେ ମଧ୍ୟ ଅବଗତ କରାଇଲୁ ତଥା ଏହା ମଧ୍ୟ କହିଲୁ ଯେ ଠିକ୍ ଅଛି ଆମେ ଆଜି ଏଠାରେ ପଶୁ ବଳି ନ ଦେଇ ଜୁମା ନମାଜ ପାଠ କରୁଅଛୁ । ଗାଉଁଲି ଅପାଠୁଆ ଲୋକେ ଅନ୍ଧବିଶ୍ୱାସରେ ବୁଡ଼ି ରହିଥାନ୍ତି । ତେଣୁ ଧର୍ମ ବିଶ୍ୱାସରେ ମଧ୍ୟ ସେମାନଙ୍କର ସେତେଟା ଜ୍ଞାନ ନଥାଏ । ତେଣୁ ସେମାନଙ୍କ ମନରେ ଭୟ ଉତ୍ପନ୍ନ ହେଲା ଯେ ମୌଲବୀ ସାହେବଙ୍କ କଥାର ଅମାନ୍ୟ କଲେ ଆମେ ପାପୀ ନ ହୋଇଯାଉ ଏବଂ ଆମ ଉପରେ କୌଣସି ଦୈବୀ କୋପ ଅବତୀର୍ଣ୍ଣ ନ ହୋଇଯାଉ । ସେ ଯାହା ହେଉ ଯେତେବେଳେ ଆମେ ସେମାନଙ୍କୁ ବହୁତ ବୁଝାଇଲୁ ଶେଷରେ ସେମାନେ ରାଜି ହୋଇଗଲେ ଏବଂ ସମସ୍ତେ ଜୁମାରେ ସାମିଲ ହେଲେ । ଜୁମା ପରେ ଯମାତ୍ ସମ୍ବନ୍ଧରେ ଅବଗତ କରାଗଲା ଏବଂ ପ୍ରଶ୍ନୋତରର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଲା । ଯେହେତୁ ଲୋକମାନଙ୍କର ମନରେ ବଡ଼ ଇମାମ୍ ସାହେବଙ୍କ ପ୍ରତି ସମ୍ମାନ ରହିଥିଲା ତେଣୁ ମୁବଲିଗ୍ ସାହେବ ଲୋକମାନଙ୍କୁ କହିଲେ ଯଦି ଇମାମ୍ ସାହେବ୍ ପଚାରନ୍ତି କି ଜୁମା ନମାଜ କିଭଳି ପଢ଼ିନେଲେ ? ତେବେ ଆପଣମାନେ ମାତ୍ର ଏତିକି ପଚାରିବେ ଯେ, ଇସ୍‌ଲାମ୍‌ରେ ଜୁମା ନମାଜ ପଢ଼ିବା ପୂର୍ବରୁ ପଶୁବଳୀ ଦେବାର ଜରୁରୀ ଥିବାର ବର୍ଣ୍ଣନା କେଉଁଠାରେ ଉଲ୍ଲେଖ ରହିଛି । ଯେତେବେଳେ ଇମାମ୍ ସାହେବଙ୍କୁ ସୁଚନା ମିଳିଲା ଯେ ସେଠାରେ ଜୁମା ନମାଜ ପଢ଼ାଯାଇଛି, ସେ କ୍ରୋଧିତ ହେଲେ ସେତେବେଳେ ଗ୍ରାମବାସୀ ସେହି ପ୍ରଶ୍ନ ଇମାମ୍ ସାହେବଙ୍କୁ କଲେ କି ଆମକୁ ଦେଖାଅ କେଉଁଠାରେ ଲେଖାଅଛି ଯେ, ତିନିଗୋଟି ଛେଳି ଜେଭା କରିବା ଜରୁରୀ । ସେ ଯାହା ହେଉ ଲୋକେ ସେହି ଇମାମ୍ ସାହେବକୁ ବର୍ଜନ କଲେ ଏବଂ ଏହି ନିଷ୍ପତି ନେଲେ ଯେ ଯମାତ୍ ଅହେମଦୀୟା ହିଁ ବାସ୍ତବିକ ଇସ୍‌ଲାମ୍ । ବର୍ତମାନ ସେଠାରେ ନିୟମିତ ଭାବରେ ଜୁମା ନମାଜ ପଢ଼ାଯାଉଛି ଏବଂ ଅଲ୍ଲାଃଙ୍କ କୃପାରୁ ଅଧିକାଂଶ ଲୋକ ଯମାତ୍ ଅହେମଦୀୟାରେ ସାମିଲ ହୋଇଯାଇଛନ୍ତି ଏବଂ ଅଲ୍ଲାଃଙ୍କ କୃପାରୁ ଏଠାରେ ନୂଆ ଯମାତ୍ କାଏମ୍ ହୋଇସାରିଛି ।

ଅଜବ ଗଜବ ଲୋକ ମନଗଢ଼ା ପ୍ରଥା ପ୍ରଚଳନ କରି ବସିଛନ୍ତି ଏବଂ ଧର୍ମ ନାମରେ ସ୍ୱଳ୍ପଶିକ୍ଷିତ ଲୋକମାନଙ୍କୁ ଭ୍ରମିତ କରୁଛନ୍ତି ।

ଫିଲିପାଇନ୍ସର ମୁବ୍‌ଲିଗ୍ ସାହେବ ଲେଖିଛନ୍ତି, ସୋଲପିନ୍ ଅଂଚଳ ଯାହାକି ଚରମପନ୍ଥି ଲୋକମାନଙ୍କ ସ୍ଥାନ ରୂପେ ପ୍ରଶିଦ୍ଧ, ସେଠାରେ ଆମର ଜଣେ ମୌଲବୀ ସାହେବଙ୍କ ଶଶୁରଘର ରହିଛି । ମୌଲବୀ ସାହେବ୍ ଯେତେବେଳେ ସେମାନଙ୍କୁ ପ୍ରଚାର କଲେ ତାହାର ଫଳ ସକାରାତ୍ମକ ମିଳିଲା । ଫଳରେ ଆର୍ନ୍ତଜାତିକ ସ୍ତରରେ ପ୍ରଖର ପ୍ରଚାର ନିମନ୍ତେ ଯୋଜନା ପ୍ରସ୍ତୁତ କରାଗଲା । ତିନିଜଣ ମୁଅଲ୍ଲିମ୍ ଓ ତିନିଜଣ ପ୍ରଚାରକ ବିଶିଷ୍ଟ ଏକ ଦଳ ଗୋଟିଏ ସପ୍ତାହ ନିମନ୍ତେ ସେଠାକୁ ପ୍ରେରଣ କରାଗଲେ । ଆଂଚଳିକ ବିରୋଧିମାନଙ୍କ ତରଫରୁ ବିରୋଧ ମଧ୍ୟ ହେଲା ଯେଭଳି ସାଧାରଣତଃ ହୋଇଥାଏ । କିନ୍ତୁ ସେହି ବିରୁଦ୍ଧାଚରଣ ଯୋଗୁଁ ଅଲ୍ଲାଃଙ୍କ କୃପାରୁ ୨୩ ଜଣ ସଦସ୍ୟ ବୟତ କରି ଯମାତ୍‌ରେ ଅର୍ନ୍ତଭୁକ୍ତ ହୋଇଗଲେ ।

ସେନେଗାଲ୍‌ର ଅମୀର ସାହେବ ଲେଖିଛନ୍ତି ଏଠାରେ କାମ୍ଦା କଣ୍ଡାଳ ନାମରେ ଏକ ରିଜିୟନ ରହିଛି । ଆମର ପ୍ରଚାରକ ଦଳ ସେଠାରେ ପହଂଚିବାରୁ ଜଣାପଡ଼ିଲା ଯେ ଉକ୍ତ ଅଂଚଳରେ ଦୁଇଦଳ ତିଜାନିଆ ଓ ମୁରିଦିଆ ମଧ୍ୟରେ ବଚସା ଅର୍ଥାତ ତର୍କ ଜାରିରହିଛି । ସେଠାକାର ଇମାମ୍ ସାହେବ ଆମର ଜଣେ ସଦସ୍ୟଙ୍କୁ କହିଲେ, ଏମାନଙ୍କ ମଧ୍ୟରୁ କୌଣସି ଗୋଟିଏ ଦଳ ହେଲେ ସତ୍ୟ ଉପରେ ପ୍ରତିଷ୍ଠିତ ନାହାନ୍ତି । ଆମେ ଅପେକ୍ଷାରେ ରହିଛୁ କାରଣ ଆମେ ଶୁଣିଛୁ ଯେ, ଜଣେ ସତ୍ୟବାଦୀ ଇମାମ୍ ଆବିର୍ଭାବ ହେବେ ଯାହାଙ୍କୁ ଆମେ ସ୍ୱୀକାର କରିବୁ । ଯେତେବେଳେ ଆମ ଦଳ ପ୍ରଚାର କାର୍ଯ୍ୟ ଆରମ୍ଭ କଲେ ଓ ପ୍ରଶ୍ନୋତର କାର୍ଯ୍ୟକ୍ରମ ଆରମ୍ଭ ହେଲା । ଆମ ଦଳ ନିକଟରେ ମୌଲବୀ ନଜିର୍ ମୁବଶିର୍ ସାହେବଙ୍କ ପୁସ୍ତକ ଅଲ୍‌କୌଲୁସ୍ ସରିହ୍ ଫି ଜୁହୁରୁଲ୍ ମେହେଦି ଓ ମସିହ ତଥା କାଏଦା ୟସନଲ୍ କୁର୍‌ଆନ୍ ସେଠାକାର ଇମାମ୍ ସାହେବ୍ କିଣିନେଲେ । ତା'ପରେ ଆମର ପ୍ରଚାର ଦଳ ସେଠାରୁ ଫେରି ଆସିଥିଲା । ଦୁଇଦିନ ପରେ ଇମାମ୍ ସାହେବ ଫୋନ କରି ଡ଼କାଇଲେ ଏବଂ କହିଲେ ଆମକୁ ମଡ଼ଙ୍ଗା ଭାଷାରେ ଅନୁବାଦିତ କୁର୍‌ଆନ୍ ଦରକାର ତେଣୁ ତାହା ସାଥିରେ ନେଇ ଆସିବେ । ଦ୍ୱିତୀୟ ଦିନ ଯେତେବେଳେ ଆମର ପ୍ରଚାର ଦଳ ସେଠାରେ ପହଂଚିଲା । ସେମାନେ କହିଲେ ଆମେ ଯାହାଙ୍କ ଅପେକ୍ଷାରେ ଥିଲୁ ତାହା ହେଉଛି ଏହି ଯମାତ୍ କାରଣ ମୁଁ ଆପଣଙ୍କ ପୁସ୍ତକ ଏବଂ ପବିତ୍ର କୁର୍‌ଆନ୍‌ର ଅଧ୍ୟୟନ କରିଛି । ଏହିପରି ସମ୍ପୁର୍ଣ୍ଣ ଗ୍ରାମ ଅହେମଦୀ ହୋଇଗଲେ ଓ ଏକ ନୂତନ ଯମାତ୍‌ର ପ୍ରତିଷ୍ଠା ହେଲା । ସେମାନଙ୍କୁ ଆଉ କିଛି କାଏଦା ଓ କୁର୍‌ଆନ୍ ପ୍ରଦାନ କରାଗଲା । ଯଦ୍ୱାରା ଲୋକମାନଙ୍କୁ କୁର୍‌ଆନ୍ ଶିଖାଯାଇପାରିବ ।

ଗୋଟେମାଲାର ଅମୀର ସାହେବ ଲେଖିଛନ୍ତି ଯେ କୁବାନ୍ ସହର୍ ଯାହାକି ଏଠାରୁ ଦଶ କିମି ଦୂରରେ ଅବସ୍ଥିତ ସେଠାରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ପ୍ରଚାର କାର୍ଯ୍ୟ କରାଗଲା । ଏବଂ ଗୋଟେମାଲାର ଜଲ୍‌ସା ସାଲାନାରେ ସେମାନଙ୍କୁ ଆମନ୍ତ୍ରିତ କରାଗଲା । ଅତଏବ ସେଠାରୁ ତିନିଜଣ ସଦସ୍ୟ ବିଶିଷ୍ଟ ଏକ ପରିବାର ଗୋଟେମାଲା ଆସିଲେ ଏବଂ ବୟତ କରି ଯମାତ୍‌ରେ ସାମିଲ ହୋଇଗଲେ ଏହିଭଳି ସେଠାରେ ଏକ ନୂତନ ଯମାତ୍‌ର ଆରମ୍ଭ ହେଲା । ବର୍ତମାନ ସେମାନେ ନିଜ ପାଖ ପଡ଼ୋଶୀମାନଙ୍କୁ ତବ୍‌ଲିଗ୍ କରୁଛନ୍ତି ।

ସେନେଗାଲ୍‌ର ଆମୀର ସାହେବ କୁହନ୍ତି ଏଠାରେ ଆଂଚଳିକ ମୌଲବୀ ଓ ମିସ୍‌ନାରୀଙ୍କ ମାଧ୍ୟମରେ ସପ୍ତାହରେ ଏକଘଂଟା ରେଡ଼ିଓ ପ୍ରୋଗ୍ରାମ ଏବଂ ଏକଘଂଟା ମୋ ଖୁତ୍‌ବା ପ୍ରସାରଣ କରାଯାଇଥାଏ । ଏହା ତବ୍‌ଲିଗ୍ କରିବାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଯାହାକୁ ଶୁଣି ଲୋକେ ପ୍ରଶ୍ନ ମଧ୍ୟ ପଚାରିଥାନ୍ତି । ଚଳିତ ବର୍ଷ ଏତଦ୍‌ଦ୍ୱାରା ୨୦ଟି ଗ୍ରାମରେ ଅହେମଦୀୟତର ଚାରା ରୋପଣ ହୋଇଛି ଏବଂ ସେମାନେ କେବଳ ଏଥିପ୍ରତି ଆକର୍ଷିତ ହୋଇନାହାନ୍ତି ବରଂ ଫୋନ୍ କରି ନିଜ ଗ୍ରାମକୁ ଆମ କର୍ମକର୍ତାଙ୍କୁ ଆମନ୍ତ୍ରିତ ମଧ୍ୟ କରୁଛନ୍ତି ।

## ନୂତନ ମସ୍‌ଜିଦ୍ ନିର୍ମାଣ ଓ ଯମାତ୍‌କୁ ପ୍ରାପ୍ତ ହୋଇଥିବା ମସ୍‌ଜିଦ୍

ଅଲ୍ଲାଃଙ୍କ କୃପାରୁ ଏହାର ସମୁଦାୟ ସଂଖ୍ୟା ୨୧୭ଗୋଟି ଅଟେ । ସେଥିମଧ୍ୟରୁ ୧୨୪ଟି ଯମାତ୍ ଅହେମଦୀୟା ନିର୍ମାଣ କରିଛି ଏବଂ ବାକି ୯୩ଟି ପୂର୍ବ ପ୍ରସ୍ତୁତ ମସ୍‌ଜିଦ୍ ଯମାତ୍ ଅହେମଦୀୟାକୁ ପ୍ରାପ୍ତ ହୋଇଛି । ସମଗ୍ର ବିଶ୍ୱରେ ପାଖାପାଖି ଅନେକ ଦେଶରେ ଅର୍ଥାତ ଚାରୋଟି ମହାଦେଶରେ ପ୍ରଭୁଙ୍କ କୃପାରୁ ଆମକୁ ଏହି ସମସ୍ତ ମସ୍‌ଜିଦ୍ ଲାଭ ହୋଇଛି ।

ଗୋଟେମାଲାରେ ଦୀର୍ଘ ୩୧ ବର୍ଷ ବ୍ୟବଧାନରେ ଦ୍ୱିତୀୟ ମସ୍‌ଜିଦ୍ ନିର୍ମାଣ କରିବାର ସୁଯୋଗ ମିଳିଛି । ସେଠାରେ ୧୯୮୯ ମସିହାରେ ପ୍ରଥମ ମସ୍‌ଜିଦ୍ ଅର୍ଥାତ ବୟତେ ଅୱ୍‌ଲ୍ ନିର୍ମାଣ କରାଯାଇଥିଲା । ବର୍ତମାନ ଏହି ୨ୟ ମସ୍‌ଜିଦ୍‌ର ନାମ ମସ୍‌ଜିଦ୍ ନୂର ରଖାଯାଇଛି । ସେହି ଅଂଚଳରେ ୨୦୧୫ରେ ଯମାତ୍‌ର ବାର୍ତା ପହଂଚିଥିଲା ଯାହାକି ଉକ୍ତ ଦେଶରେ ଅବସ୍ଥିତ ଆମ କେନ୍ଦ୍ରଠାରୁ ୩୨୮ କିମି ଦୂରରେ ଅବସ୍ଥିତ ଏବଂ ପାଖାପାଖି ୭୦ କିମି ପାହାଡ଼ିଆ ରାସ୍ତା ଅତିକ୍ରମ କରିବାକୁ ପଡ଼ିଥାଏ ରାସ୍ତା ମଧ୍ୟ କଚ୍ଚା, ଅଣ ଓସାରିଆ ତଥା ଅତ୍ୟନ୍ତ ଦୁର୍ଗମ ଉକ୍ତ ମସ୍‌ଜିଦ୍‌ର ଶିଳାନ୍ୟାସ ୨୦୧୯ ମସିହା ଡ଼ିସେମ୍ବର ମାସରେ ହୋଇଥିଲା । ତା'ପରେ ପ୍ରଭୁ ଏଭଳି ରାସ୍ତା ଉନ୍ମୁକ୍ତ କଲେ ଯେ ସେଠାକାର ରାସ୍ତା କାର୍ଯ୍ୟ ମଧ୍ୟ ନିର୍ମାଣ ହେବା ଆରମ୍ଭ ହେଲା ଏବଂ ବର୍ତମାନ ଏହି ୭୦ କିମି ଦୁର୍ଗମ ରାସ୍ତା ବେଶ୍ ସୁଗମ ଓ ଓସାରିଆ ହୋଇଯାଇଛି । ଉକ୍ତ ମସ୍‌ଜିଦ୍‌ରେ ୧୭୦ ଜଣ ଲୋକଙ୍କ ବାଯମାତ୍

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

ନମାଜ ପାଠ କରିପାରିବେ । ମସ୍‌ଜିଦ୍‌କୁ ଲାଗି ଦୁଇତାଲା ବିଶିଷ୍ଟ ଏକ ମିଶନ୍ ହାଉସ୍ ମଧ୍ୟ ନିର୍ମାଣ କରାଯାଇଛି । ଯାହାର ଗ୍ରାଉଣ୍ଡ ଫ୍ଲୋରରେ ଲାଇବ୍ରେରୀ ଓ ଅଫିସ ରହିଛି ଏବଂ ପ୍ରଥମ ମହଲାରେ ରହିବାର ବ୍ୟବସ୍ଥା କରାଯାଇଛି । କିଚେନ, ମହିଳା ତଥା ପୁରୁଷମାନଙ୍କ ପାଇଁ ଭିନ୍ନ ଭିନ୍ନ ୱାସରୁମ୍ ମଧ୍ୟ ରହିଛି । ମସ୍‌ଜିଦ୍‌ଟି ଏକ ଉଚ୍ଚ ସ୍ଥାନରେ ନିର୍ମିତ ହୋଇଥିବାରୁ ତାହା ଦୂରରୁ ଦୃଶ୍ୟମାନ ହେଉଅଛି ।

ନର୍‌ୱେରେ ଚଳିତ ବର୍ଷ ଏକ ଚର୍ଚ୍ଚ କ୍ରୟ କରାଯାଇଥିଲା । ଏହି ସହରରେ ୨୦୧୭ ମସିହା ଜୁଲାଇ ମାସରେ ଏକ କମ୍ପାନିଠାରୁ ଏକ ଅଟ୍ଟାଳିକା କ୍ରୟ କରାଯାଇଥିଲା ଏବଂ ସେଠାରେ ନମାଜ ଓ ଜଲ୍‌ସା ଆଦି କାର୍ଯ୍ୟକ୍ରମ ସମ୍ପାଦନ କରାଯାଉଥିଲା । କିନ୍ତୁ ଯେତେବେଳେ ସେଠାରେ ମସ୍‌ଜିଦ୍ ନିର୍ମାଣ କରିବାର ନକ୍ସା ତିଆରି କରାଗଲା ଓ ପ୍ରଶାସନ ନିକଟରେ ସେଥିପାଇଁ ଅନୁମତି ପାଇଁ ନିବେଦନ ପତ୍ର ଦିଆଗଲା । ସେତେବେଳେ ସେଠାକାର ଅଧିକାଂଶ ଲୋକ ବିରୋଧ ପ୍ରଦର୍ଶନ କଲେ ଏବଂ ଖବରକାଗଜରେ ତାହାର ବହୁଳ ପ୍ରଚାର ପ୍ରକାଶ ହେଲ । ପାଖାପାଖି ୨ବର୍ଷ ଏହିଭଳି ଚାଲିଗଲା । ନିକଟରେ ହିଁ ଏକ ଚର୍ଚ୍ଚ ରହିଥିଲା, ଚର୍ଚ୍ଚର ଲୋକମାନେ ମଧ୍ୟ ମସ୍‌ଜିଦ୍ ନିର୍ମାଣ ନ କରିବାପାଇଁ ବିରୋଧାଚରଣ କରିବାକୁ ପ୍ରର୍ବତାଇଲେ କିନ୍ତୁ ଈଶ୍ୱରଙ୍କ ନିୟତି ଦେଖ, ସେହି ଚର୍ଚ୍ଚ ହିଁ, ଯିଏ ଆମ ବିରୋଧାଚରଣ କରୁଥିଲା ତାହାର କର୍ମକର୍ତାମାନେ ତାହାକୁ ଚଳାଇ ନ ପାରି ଅର୍ଥାତ ତାହାର ଦାୟିତ୍ୱ ବହନ  ନ କରିପାରି ଶେଷରେ ତାକୁ ବିକ୍ରି କରିବାର ନିଷ୍ପତି ନେଲେ । ସେ କାଉନ୍‌ସିଲ୍ ସହିତ ସମ୍ପର୍କ କଲେ । କାଉନସିଲ୍ ସେମାନଙ୍କୁ ପରାମର୍ଶ ଦେଲେ ଯେ ଅହେମଦୀମାନଙ୍କ ସହ ସମ୍ପର୍କ କର । ସମ୍ଭବତଃ ସେମାନେ ତୁମଠାରୁ ଏହା କ୍ରୟ କରିନେଇପାରନ୍ତି । ଏପରି ତାହାକୁ କ୍ରୟ କରି ଯମାତ୍ ଅହେମଦୀୟା ମସ୍‌ଜିଦ୍ ରୂପେ ବ୍ୟବହାର କରାଯାଉଅଛି । ଏଥିରେ ସମୁଦାୟ ଦଶ ମିଲିୟନ୍ ନର୍‌ୱେନ୍ କ୍ରୋନ୍‌ର ଖର୍ଚ୍ଚ ହୋଇଛି ।

ମଲାୱିରେ ପ୍ରଥମ ମସ୍‌ଜିଦ୍ ନିର୍ମାଣ କରାଗଲା । ସେଠାକାର ଅମୀର ସାହେବ ଲେଖିଛନ୍ତି । ପ୍ରଥମେ ସ୍ଥାନିୟ ଲୋକଙ୍କ ମନ ଜିଣିବାର ଚେଷ୍ଟା କରାଯାଇଥିଲା, ତା'ପରେ ମସ୍‌ଜିଦ୍ ଓ ମିସନ୍ ହାଉସ୍ ନିର୍ମାଣ କରାଗଲା । ଯଦ୍ୱାରା ଲୋକେ ବେଶ୍ ଆନନ୍ଦିତ କିନ୍ତୁ କେତେକ ମନ୍ଦ ପ୍ରକୃତିର ଲୋକ ଆକ୍ରମଣ କରିଦେଲେ ଓ ନିର୍ମାଣ କାର୍ଯ୍ୟ ସମ୍ବନ୍ଧୀୟ ଜିନିଷପତ୍ରମାନ ଉଠାଇ ନେଲେ । ଅର୍ଥାତ ଚୋରି କରିନେଲେ, ଯଦ୍ୱାରା ପୋଲିସର ନିର୍ଦ୍ଦେଶ କ୍ରମେ ନିର୍ମାଣ କାର୍ଯ୍ୟକୁ କିଛିଦିନ ପାଇଁ ସ୍ଥଗିତ ରଖାଗଲା । ପୁର୍ନବାର କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ସ୍ଥାନିୟ ବାସିନ୍ଦାଙ୍କୁ ପରିସ୍ଥିତି ସମ୍ପର୍କରେ ସୁଚିତ କରାଗଲା ଏବଂ ତାହାର ସୁରକ୍ଷା କରିବାକୁ ଧ୍ୟାନ ଆକର୍ଷିତ କରାଗଲା । ଏଥିରେ ସମସ୍ତ ଲୋକମାନେ ସହମତି ପ୍ରକାଶ କଲେ ଏବଂ ହୃଦୟଙ୍ଗମ କଲେ ଯେ ବାସ୍ତବ ପକ୍ଷେ ମସ୍‌ଜିଦ୍ ଆମ ଗ୍ରାମ ପାଇଁ ଏକ ପୁରଷ୍କାରରୁ କିଛି କମ୍ ନୁହେଁ । ତେଣୁ ପୁର୍ନବାର କୌଣସି ଅପ୍ରିତିକର ଘଟଣା ନ ଘଟିବ
ସେଥିପାଇଁ ଆମେ ତତ୍ପର ଓ ସଜାଗ ରହିବୁ । ଏହିପରି ଅଲ୍ଲାଃ ତାଲାଙ୍କ କୃପାରୁ ସେଠାରେ ଆମେ ଲୋକେ ପ୍ରଚାର କାର୍ଯରେ ଅଗ୍ରସର ହୋଇ ଲୋକମାନଙ୍କ ସହ ସମ୍ପର୍କ ବଢ଼ାଇଲେ ଏବଂ ବାସ୍ତବିକ ଇସ୍‌ଲାମ୍‌ର ଶାନ୍ତି ଓ ପ୍ରେମର ସନ୍ଦେଶ ଲୋକମାନଙ୍କ ନିକଟରେ ପହଂଚାଇଲେ । ସେ ଯାହା ହେଉ ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇ ଯେତେବେଳେ ତାହାର ଉଦ୍‌ଘାଟନ ହେଲା ସେତେବେଳେ ସେଠାରେ ୪୫୦ ରୁ ୫୦୦ ପାଖାପାଖି ଲୋକ ଉପସ୍ଥିତ ଥିଲେ । ଅର୍ଥାତ ଉଦ୍‌ଘାଟନ ଅବସରରେ ଯେଉଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ସେଥିରେ ଏଭଳି ସଂଖ୍ୟକ ଲୋକ ଉପସ୍ଥିତ ଥିଲେ । ଉକ୍ତ ସମ୍ମିଳନୀରେ ବିଭିନ୍ନ ଜୋନ୍‌ର ୧୩ଜଣ ଚିଫ୍ ମଧ୍ୟ ଉପସ୍ଥିତ ଥିଲେ । ତଥା ଅନ୍ୟାନ୍ୟ ମସ୍‌ଜିଦ୍‌ର ଇମାମ୍‌ମାନେ ମଧ୍ୟ ଯୋଗ ଦେଇଥିଲେ । ଉକ୍ତ ଅବସରରେ ଅଣଅହେମଦୀମାନେ ମୁକ୍ତ କଣ୍ଠରେ ମତପ୍ରକାଶ କଲେ ଯେ, ଆମମାନଙ୍କୁ ଅହେମଦୀମାନଙ୍କ ପ୍ରସଙ୍ଗରେ ଭ୍ରମିତ କରାଯାଇଥିଲା କି ଏମାନେ ମୁସଲମାନ ନୁହନ୍ତି, ଏମାନଙ୍କ ଉପାସନାର ଶୈଳୀ ମୁସଲମାନଙ୍କଠାରୁ ଭିନ୍ନ । କିନ୍ତୁ ଏଠାକୁ ଆସି ଆମକୁ ବିଶ୍ୱାସ ହେଲା ଯେ ଏମାନେ କେବଳ ମୁସଲମାନ ନୁହନ୍ତି ବରଂ ଅନ୍ୟ ମୁସଲମାନମାନଙ୍କୁ ମଧ୍ୟ ଶାନ୍ତିର ସହ ଜୀବନ ଯାପନ କରିବାକୁ ପ୍ରୋତ୍ସାହିତ କରିଥାନ୍ତି ଏଭଳି ତିନୋଟି ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ତିନୋଟି ଗ୍ରାମର ୧୦୦୦ରୁ ଉର୍ଦ୍ଧ ଲୋକ ବୟତ କରି ଯମାତ୍ ଅହେମଦୀୟାରେ ସାମିଲ ହୋଇଯାଇଛନ୍ତି ।

### ବଇତୁଲ୍ ଆଫିୟତ୍ ମେକ୍ସିକୋ

ମେକ୍ସିକୋର ରାଜଧାନୀ ମେକ୍ସିକୋ ସିଟିରେ କିଛି ବର୍ଷ ପୂର୍ବେ ଏକ ଅଟ୍ଟାଳିକା କ୍ରୟ କରାଯାଇଥିଲା । ତାହା ଏକ ତିନିମହଲା ବିଶିଷ୍ଟ ଅଟ୍ଟାଳିକା ଥିଲା, ଯାହାର ଗ୍ରାଉଣ୍ଡଫ୍ଲୋରକୁ ମସ୍‌ଜିଦ୍ ରୂପେ ବ୍ୟବହାର କରାଯାଉଅଛି । ବାକି ହଲ୍‌କୁ ଲାଇବ୍ରେରୀ ଓ ଦଫ୍‌ତର ଭାବରେ କାର୍ଯ୍ୟରେ ବିନିଯୋଗ କରାଯାଉଅଛି । ଆଉ କିଛି କୋଠରୀକୁ ବିଭିନ୍ନ କ୍ଲାସ୍ ପାଇଁ ବ୍ୟବହାର କରାଯାଉଅଛି । ଦ୍ୱିତୀୟ ମହଲାରେ ମୁରବୀ ସାହେବଙ୍କ ରହିବା ନିମନ୍ତେ ତଥା ତୃତୀୟ ମହଲା ଆବଶ୍ୟକ ଅନୁଯାୟୀ ଉପଯୋଗ କରିବାପାଇଁ ନିର୍ଦ୍ଦିଷ୍ଟ କରାଯାଇଛି ।

ଅମୀର ସାହେବ ମାଲି ଲେଖିଛନ୍ତି ଆମ କେନ୍ଦ୍ରଠାରୁ ୩କିମି ଦୂରରେ ଅବସ୍ଥିତ ଏକ ଯମାତ୍ ଯାହାର ନାମ ହେଉଛି ଡ଼ିମା, ସେଠାରେ ଚାରିବର୍ଷ ପୂର୍ବେ ଏକ ମସ୍‌ଜିଦ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । କିନ୍ତୁ ଶେଷ ପର୍ଯ୍ୟାୟ ଅର୍ଥାତ ମିନାରା ଓ ଫିନିସିଙ୍ଗ କାମ ହେବା ବେଳକୁ ଗ୍ରାମର ଚିଫ୍ କହିଲେ ମସ୍‌ଜିଦ୍ କାର୍ଯ୍ୟ ବନ୍ଦ କରିଦିଅନ୍ତୁ । କାରଣ ଅନେକ ଲୋକ ତାଙ୍କୁ ଓ ମେୟର ସାହେବଙ୍କୁ ଯମାତ୍ ବିରୋଧରେ ବିଭିନ୍ନ କଥା କହିଛନ୍ତି । ଯଦ୍ୱାରା କାମ ବନ୍ଦ ହୋଇଗଲା ଓ ତିନିବର୍ଷ ପର୍ଯ୍ୟନ୍ତ ଚେଷ୍ଟା ଚାଲୁରହିଲା । ଶେଷରେ ଚିଫ୍ ସହ ସମ୍ପର୍କ ଓ ଅନ୍ୟାନ୍ୟ ଉପାୟ ଅବଲମ୍ବନ କରିବା ଦ୍ୱାରା ମସ୍‌ଜିଦ୍ ନିର୍ମାଣ କରିବାର ଅନୁମତି ମିଳିଗଲା । ଚିଫ୍ ମଧ୍ୟ କହିଲେ ତିନିବର୍ଷ ଆପଣମାନେ ବେଶ୍ ଧୈର୍ଯ୍ୟସହ କାମ ନେଲେ । ସମ୍ପର୍କ ସ୍ଥାପନ କଲେ । ସେ ଆମ ଲୋକମାନଙ୍କର ପ୍ରଶଂସା କଲେ ଓ ତାଙ୍କ ସହିତ କର୍ମଚାରୀମାନେ ମଧ୍ୟ ଯମାତ୍‌କୁ କ୍ଷମା ମାଗିଲେ ଯେ, ଆପଣଙ୍କୁ ଏତେ ସମୟ ଅପେକ୍ଷା କରିବାକୁ ପଡ଼ିଲା ଓ କାର୍ଯ୍ୟ ବନ୍ଦ ରଖିବାକୁ ପଡ଼ିଲା ବର୍ତମାନ ଅଲ୍ଲାଃଙ୍କ କୃପାରୁ ସେଠାରେ ନିୟମିତ ଭାବରେ ସାମୁହିକ ନମାଜ ପାଠ କରାଯାଉଅଛି ।

ଅମୀର ସାହେବ ତାଞ୍ଜାନିଆ ଲେଖିଛନ୍ତି, ଚଳିତବର୍ଷ ତାଙ୍କ ରିଜିଅନ୍‌ର ଦୁଇଟି ଯମାତ୍‌କୁ ମସ୍‌ଜିଦ ନିର୍ମାଣ କରିବାର ସାମର୍ଥ୍ୟ ଲାଭ ହୋଇଥିଲା । ମସ୍‌ଜିଦ ନିର୍ମାଣ ହେବା ପୂର୍ବରୁ ସେଠାକୁ ସୁନ୍ନି ମୌଲବୀ ଆସି ଲୋକମାନଙ୍କୁ ଭ୍ରମିତ କରୁଥିଲେ କି ଯମାତ୍ ଅହେମଦୀୟା ଏକ ଛୋଟ ଯମାତ୍ ସେମାନଙ୍କ ନିକଟରେ ମସ୍‌ଜିଦ୍ ତିଆରି କରିବାକୁ ଅର୍ଥ ନାହିଁ କିନ୍ତୁ ଯେତେବେଳେ ସେଠାରେ ମସ୍‌ଜିଦ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା, ସେତେବେଳେ ସ୍ଥାନିୟ ବାସିନ୍ଦା ତାହା ଦେଖି ଆଶ୍ଚର୍ଯ୍ୟ ଚକିତ ହେଲେ ଲୋକେ ପରସ୍ପର ସହ କାଥାଭାଷା ହେଲେ କି ନିଶ୍ଚିତରୂପେ ଏମାନଙ୍କ ନିକଟରେ କୌଣସି ଦିବ୍ୟ ଶକ୍ତି ରହିଛି । ଯଦ୍ୱାରା ଏତେ ସ୍ୱଳ୍ପ ସମୟ ମଧ୍ୟରେ ଏମାନେ ଏଭଳି ସୁନ୍ଦର ମସ୍‌ଜିଦ୍ ନିର୍ମାଣ କରିଦେଇଛନ୍ତି । ଆମେ ତ ନମାଜ ପଢ଼ିବାପାଇଁ ତ ଗୋଟିଏ ତମ୍ବୁ ଟାଣିପାରୁନାହେଁ । ତାହେଲେ ସେମାନେ ଅନ୍ୟାନ୍ୟ ଉପାୟମାନ ଅବଲମ୍ବନ କରି ଭୟଭିତ କରିବାକୁ ଚେଷ୍ଟା କଲେ କି, ଅହେମଦୀମାନଙ୍କଠାରୁ ବର୍ତି ରୁହ ନଚେତ ସେମାନେ ସମଗ୍ର ଅଂଚଳରେ ନିଜ ପ୍ରାଧାନ୍ୟ ବିସ୍ତାର କରିନେବେ କିନ୍ତୁ ଲୋକେ ସେମାନଙ୍କ କଥାକୁ ତିଳେମାତ୍ର ଭ୍ରୁକ୍ଷେପ କଲେ ନାହିଁ ।

ବୁର୍‌କିନା ଫାସୋର ମୁବଲ୍ଲିଗ୍ ସାହେବ ଲେଖିଛନ୍ତି, ଏଠାରେ ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟ ଚାଲିଛି ଏବଂ ପ୍ରତ୍ୟେକ ଲୋକ ଭିନ୍ନ ଉତ୍ସାହର ସହ ଏଥିରେ ଭାଗ ନେଉଛନ୍ତି । ଲୋକେ ଅର୍ଥଦାନ କରି ସେବା କର୍ମ ଓ ପୁଣ୍ୟଅର୍ଜନ କରିବାରେ ମାତି ରହିଛନ୍ତି । ଦିନେ ଦୁଇଜଣ ବୟଜ୍ୟୋଷ୍ଠ ଅହେମଦୀ ଆସିଲେ ସେମାନଙ୍କ ହାତରେ ଦୁଇଟି କୁକୁଡ଼ା ଓ କିଛି ଅଣ୍ଡା ଥିଲା । ସେମାନେ କହିଲେ ଆମ ନିକଟରେ ଏତିକି ସମ୍ବଳ ରହିଛି ତେଣୁ ଆମଠାରୁ ମସ୍‌ଜିଦ ନିର୍ମାଣ କାର୍ଯ୍ୟ ନିମନ୍ତେ ଏହାକୁ ଗ୍ରହଣ କରାଯାଉ । ଆମେ ମଧ୍ୟ ପୂଣ୍ୟଅର୍ଜନ କରିବାରେ ସାମିଲ ହେବାକୁ ଚାହୁଁଛୁ । ମୌଲବୀ ସାହେବ ତାହା ତାଙ୍କଠାରୁ ନେଇ ରସିଦ କାଟିଦେଲେ ।

ଦେଖନ୍ତୁ ଶହେବର୍ଷ ପରେ ଆଫ୍ରିକାରେ ଗରୀବ ଦେଶମାନଙ୍କରେ ସେହି ଉଦାହରଣ ପୂର୍ନରାୟ ଦେଖିବାକୁ ମିଳୁଅଛି ଯାହାକି ଶହେ ବର୍ଷ ପୂର୍ବେ କାଦିୟାନରେ ଦେଖିବାକୁ ମିଳୁଥିଲା । ଯଦି ଏ ସବୁ ଦେଖାଯାଏ ଅର୍ଥାତ ଯଦି ଜଣେ ଆଖି ଖୋଲିଦେଖେ ଏବଂ ଚିନ୍ତା କରେ ତେବେ ସେ ସ୍ୱୀକାର କରିନେବ ଯେ, ଏହା ସତ୍ୟଧର୍ମ ନୁହେଁ ତ ଆଉ କଣ । ଦେଖ ପ୍ରଭୁ ଲୋକମାନଙ୍କ ମନରେ କୁର୍ବାନୀ ଅର୍ଥାତ ବଳିଦାନ କରିବାର ଉତ୍ସାହ କିଭଳି ଜାଗ୍ରତ କରିଚାଲିଛନ୍ତି ।

ତାଞ୍ଜାନିଆର ଇରିଙ୍ଗା ରିଜିଓନ୍‌ରୁ ମୌଲବୀ ସାହେବ ଲେଖିଛନ୍ତି । ଚଳିତବର୍ଷ ଅପ୍ରେଲ ମାସରେ ପାଖ ଗ୍ରାମରୁ ଲୋକାଲ୍ ଗର୍ଭନମେଂଟର ଅନୁମତି କ୍ରମେ ପ୍ରଚାର ନିମନ୍ତେ ଆମେ ବାହାରିଗଲୁ ଏବଂ ଦ୍ୱିପ୍ରହରରୁ ସଂଧ୍ୟା ବେଳ ପର୍ଯ୍ୟନ୍ତ ପ୍ରଚାର କାର୍ଯ୍ୟ ତଥା ପ୍ରଶ୍ନଉତର କାର୍ଯ୍ୟକ୍ରମ ଅବ୍ୟାହତ ରହିଥିଲା । କାର୍ଯ୍ୟକ୍ରମ ଶେଷ ହେବାପରେ ସେଠାକାର ଜଣେ ୭୨ ବର୍ଷିୟା ମହିଳା ହଲିମା, ହାତରେ ଏକ ଫାଇଲ ନେଇ ଆସିଲେ ଏବଂ କହିଲେ ମୁଁ ମୁସଲମାନ ଅଟେ ଏବଂ ଦୀର୍ଘ ସମୟ ହେଲା ଏଠାରେ ରହି ଆସୁଅଛି । ମୁଁ କାହାରିକୁ ଇସ୍‌ଲାମ୍‌ର ପ୍ରଚାର ନିମନ୍ତେ ଏଠାକୁ ଆସିବାର ଦେଖିନାହିଁ । ନିଜ ହାତରେ ଧରି ଥିବା ଫାଇଲ ମୌଲବୀ ସାହେବଙ୍କୁ ଦେଇ କହିଲେ ଏହା ମୋ ରହିବାର ପ୍ଲଟ ଅଟେ । ଯଦି ଆପଣ ଏଠାରେ ମସ୍‌ଜିଦ୍ ତିଆରି କରିବାକୁ ଚାହୁଁଛନ୍ତି ତେବେ ମୋର ଏହି ପ୍ଲଟ୍‌ରେ ନିର୍ମାଣ କରିପାରିବେ । ସୁତରାଂ ଯମାତ୍‌ର ଲୋକେ ୱକାରେ ଅମଲ୍ ଅର୍ଥାତ ବିନା କୌଣସି ପାରିଶ୍ରମିକ ନେଇ  କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ସେଥିରେ ଉକ୍ତ ମହିଳାଙ୍କ ପୁତ୍ର ମଧ୍ୟ ସାମିଲ ଥିଲେ, ଅର୍ଥାତ ୱକାରମଲ୍‌ରେ ସେହି ମହିଳାଙ୍କ ପୁତ୍ର ସାମିଲ ହୋଇ ସେବା ସମ୍ପାଦନ କରିଥିଲେ ଏହିପରି ପୂଣ୍ୟବନ୍ତଙ୍କ ହୃଦୟରେ ପ୍ରଭୁ ଧର୍ମକର୍ମ କରିବାର ଭାବନା ଜାଗ୍ରତ କରୁଛନ୍ତି ।

ବୁର୍‌କିନା ଫାସୋରେ କାରି ନାମକ ଏକ ଯମାତ୍ ରହିଛି ସେଠାକାର ଜିନ୍ନତ ନାମି ଜଣେ ମହିଳା କୁହନ୍ତି । ମୁଁ ସ୍ନାତକ ପରୀକ୍ଷାରେ ଉତୀର୍ଣ୍ଣ କରିବାପରେ ଦୁଇବର୍ଷ ପର୍ଯ୍ୟନ୍ତ ନର୍ସିଂ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family,*
*Jamat Ahmadiyya, Kerang (Odisha)*

ପାଇଁ ପ୍ରବେଶିକା ପରୀକ୍ଷା ଦେଉଥିଲି କିନ୍ତୁ ଉତୀର୍ଣ୍ଣ ହୋଇପାରୁନଥିଲି । ମୁଁ ଓ ମୋର ସ୍ୱାମୀ ଏକ ଘରୋଇ ନର୍ସିଂ ସ୍କୁଲ୍‌ରେ ଆଡ୍‌ମିଶନ ପାଇଁ ଫିସ୍ ଜମା କରିବାକୁ ଲାଗିଲୁ ଏବଂ ସେହି ଅବଧି ମଧ୍ୟରେ ଚେଷ୍ଟା ମଧ୍ୟ କରୁଥିଲି ଓ ଟେଷ୍ଟ ଦେଉଥିଲି କିନ୍ତୁ ମୁଁ ଆଶା କରିନଥିଲି ଯେ ମୋର ଆଡ୍‌ମିଶନ ହୋଇଯିବ । ସେହି ସମୟରେ ମତେ କାରିଠାରେ ଯମାତ୍‌ର ଏକ ମସ୍‌ଜିଦ୍ ସ୍ଥାପନ ପାଇଁ ଚାନ୍ଦା ଦେବାକୁ ଆହ୍ୱାନ ଦିଆଗଲା ତେବେ ଆମେ ଦୁହେଁ ଶିକ୍ଷା ଗ୍ରହଣ ନିମନ୍ତେ ଯେଉଁ ଅର୍ଥ ଜମା ରଖିଥିଲୁ ତାହାକୁ ଆମେ ଚାନ୍ଦାରେ ପଇଠ କରିଦେଲୁ ଏବଂ ଆମର ଅଡ୍‌ମିଶନ ନେବାର ମନସ୍ଥକୁ କିଛି ସମୟ ପାଇଁ ମୁଲତବି କରିଦେଲୁ । ସେ କୁହନ୍ତି, ଯେ ବର୍ତମାନ ଦୁଇ ସପ୍ତାହ ବିତି ନ ଥିଲା ଯେ ମତେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଫୋନ ଆସିଲା କି ଆପଣଙ୍କୁ ସିଧାସଳଖ ରୁପେ ବଛା ଯାଇଛି ଏବଂ ଆପଣଙ୍କ ଶିକ୍ଷାର ସମସ୍ତ ଖର୍ଚ୍ଚ ସରକାର ବହନ କରିବେ । ଅଲ୍ଲାଃ ତାଲା ଏହିପରି ଭାବରେ ଲୋକମାନଙ୍କ ବିଶ୍ୱାସକୁ ଅସାଧାରଣ ରୂପେ ପରିବର୍ଦ୍ଧିତ କରିଥାନ୍ତି ।

ଅଲ୍ଲାଃ ତାଲାଙ୍କ କୃପାରୁ ଚଳିତ ବର୍ଷ ୯୭ଟି ମିଶନ୍ ହାଉସ୍‌ର ମଧ୍ୟ ଅଭିଭୃଦ୍ଧି ଘଟିଛି ଏବଂ ମିଶନ ହାଉସ୍‌ରେ କିମ୍ବା ତବ୍‌ଲିଗ୍ କେନ୍ଦ୍ରରେ ସର୍ବପ୍ରଥମ ସ୍ଥାନ ହେଉଛି ଘାନାର । ପୁନଶ୍ଚ ଇଣ୍ଡୋନେସିଆ, ଭାରତ, ସିରିଲିଓନ୍, କଙ୍ଗୋ କେନ୍‌ସାସା, ବ୍ରାଜିଲ୍, ବୁର୍‌କିନା ଫାସୋ, ଆଇଭେରି କୋଷ୍ଟ, ମାଲି ଏହା ବ୍ୟତିତ ଆହୁରି ଅନେକ ଦେଶ ରହିଛନ୍ତି ଯେପରି ଅଷ୍ଟ୍ରେଲିଆ, ବାଙ୍ଗାଲାଦେଶ, ବେଲ୍‌ଜିଅମ୍, କାନାଡ଼ା, ଗେମ୍ବିୟା, ଗୋଟେମାଲା, ଗିନିବସାଓ, ମେସିଡ଼ୋନିଆ, ମଲାୱି, ନରୱେ, ସାଓତୋମେ, ତୋଙ୍ଗାତୁରି, ତୁର୍କୀ ଆଦି ଦେଶରେ ମଧ୍ୟ ଗୋଟିଏ ଗୋଟିଏ ମିଶନ୍ ହାଉସ୍‌ର ନିର୍ମାଣ ହୋଇଛି ।

ତାଞ୍ଜାନିଆର ସିମିୟୁ ଅଂଚଳରୁ ଜଣେ ମୁଅଲ୍ଲିମ୍ ଉଲ୍ଲେଖ କରନ୍ତି, ଯେ ଗତବର୍ଷ ସ୍ଥାପିତ ହୋଇଥିବା ଏକ ଯମାତ୍‌ରେ ଚଳିତ ବର୍ଷ ମସ୍‌ଜିଦ୍ ଓ ମିଶନ ହାଉସ୍‌ର ନିର୍ମାଣ ହେଲା । ଏହି ଅବଧି ମଧ୍ୟରେ ଜଣେ ଖ୍ରୀଷ୍ଟିୟାନ୍ ପାଦ୍ରୀ ପଚାରିଲେ ଯେ, ଏହି ବାସଭବନଟି କାହାପାଇଁ ନିର୍ମାଣ କରାଯାଉଛି । ସେତେବେଳେ ତାଙ୍କୁ କୁହାଗଲା ଯେ, ଯମାତ୍‌ର ଜଣେ ମୁଅଲ୍ଲିମ୍‌ଙ୍କ ରହିବାପାଇଁ ବାସଗୃହ ନିର୍ମାଣ କରାଯାଉଅଛି । ପ୍ରତିଉତରରେ ସେ ଆଶ୍ଚର୍ଯ୍ୟ ଚକିତ ହେଲେ ଏବଂ କହିଲେ ଗ୍ରାମର ଖ୍ରୀଷ୍ଟିୟାନ୍ ସମ୍ପ୍ରଦାୟର ଛଅଟି ଗୀର୍ଜା ଘର ରହିଛି ଏବଂ ଉକ୍ତ ଗ୍ରାମରେ ଦୀର୍ଘ ଦିନ ଧରି ଅନେକ ଧର୍ମାଲମ୍ବୀମାନେ ରହିଆସୁଛନ୍ତି ତନ୍ମଧ୍ୟରୁ କୌଣସି ସମ୍ପ୍ରଦାୟକୁ ଏହି ସାମର୍ଥ୍ୟ ଓ ସୌଭାଗ୍ୟ ପ୍ରାପ୍ତ ହୋଇନାହିଁ ଯେ, ସେମାନେ ନିଜ ପାଦ୍ରୀଙ୍କ ପାଇଁ ଏକ ବାସଗୃହଟିଏ ନିର୍ମାଣ କରିପାରିବେ । ନିଃସନ୍ଦେହରେ ଆପଣମାନେ ନିଜର ଧାର୍ମିକ ବିଦ୍ୱାନମାନଙ୍କୁ ବହୁତ ସମ୍ମାନ ପ୍ରଦର୍ଶନ କରୁଛନ୍ତି ଏବଂ ଆପଣମାନଙ୍କର ଆଦର୍ଶ ସ୍ଲୋଗାନ୍ ଅର୍ଥାତ ପ୍ରେମ ସଭିଙ୍କ ପାଇଁ ଘୃଣା କାହାରିକୁ ନୁହେଁ, ଉପରେ ସମ୍ପୂର୍ଣ୍ଣରୂପେ କାର୍ଯ୍ୟକାରୀ କରୁଛନ୍ତି ଏବଂ ଏଭଳି ଆଦର୍ଶକୁ ଅନ୍ୟମାନେ ମଧ୍ୟ ଅନୁସରଣ କରିବା ଉଚିତ ।

ଯମାତ୍ ଅହେମଦୀୟାର ଏକ ବିଶିଷ୍ଟ ଗୁଣାବଳୀ ହେଉଛି ୱକାରେ ଅମଲ୍ ଚଳିତବର୍ଷ ଆଫ୍ରିକାର ବିଭିନ୍ନ ଦେଶରେ ମସ୍‌ଜିଦ ଓ ମିଶନ୍ ହାଉସ୍‌ଗୁଡ଼ିକ ନିର୍ମିତ ହୋଇଛି ଏବଂ ଅନ୍ୟ କାମ ସବୁ ଅଭ୍ୟାହତ ରହିଛି । ତନ୍ମଧ୍ୟରୁ ୧୪୮ ରାଷ୍ଟ୍ରରୁ ପ୍ରାପ୍ତ ରିପୋର୍ଟ ଅନୁଯାୟୀ ୧୧୪ଟି ଦେଶରେ ୪୧ ହଜାର ୧୧୧ ଟି ୱକାରେ ଅମଲ୍ ହୋଇଥିଲା । ଯଦ୍ୱାରା ୫୨ ଲକ୍ଷ୍ୟ ୧୩ ହଜାର ୟୁଏସ୍ ଡ଼ଲାରର ସଂଚୟ ହୋଇଛି । ବର୍ତମାନ ଯଦି ଆଫ୍ରିକାରରେ କୌଣସି ମସ୍‌ଜିଦ୍ ନିର୍ମାଣ ହେଉଛି ଯଦି ତାହାର ଖର୍ଚ୍ଚକୁ ଲକ୍ଷ୍ୟ କରାଯାଏ ତେବେ ଏହାର ଅର୍ଥ ପ୍ରାୟ ୱକାରେମଲ୍ ଅର୍ଥରୁ ଯେଉଁ ଲାଭ ହୋଇଛି ତହିଁରୁ ଅଧିକ ସଂଖ୍ୟକ ମସ୍‌ଜିଦ୍ ନିର୍ମାଣ କରିବାକୁ ଅଲ୍ଲାଃ ତାଲା ଯମାତ୍‌କୁ ସାମର୍ଥ୍ୟ ପ୍ରଦାନ କରିଛନ୍ତି । ସେହିପରି ଅଲ୍ଲାଃ ତାଲା ଆମର ଧନଜୀବନରେ ମଧ୍ୟ ଅଜଶ୍ର ବର୍‌କତ୍ ପ୍ରଦାନ କରୁଛନ୍ତି ।

କେନ୍ଦ୍ରିୟ ପ୍ରତିନିଧିମାନେ ମଧ୍ୟ ଯାତ୍ରା କରିଛନ୍ତି ଏବଂ ପୃଥିବୀର ଅସଂଖ୍ୟ ଦେଶରେ ଯାତ୍ରା ହୋଇଛି ଯେଉଁଠି କେନ୍ଦ୍ରିୟ ପ୍ରତିନିଧିମାନେ ଗସ୍ତ କରିଛନ୍ତି । ଏସବୁ ବିସ୍ତୃତ ଆଲୋଚନାକୁ ବାଦ୍ ଦେଲେ ଅଲ୍ଲାଃ ତାଲାଙ୍କ କୃପାରୁ ଏହି ଯାତ୍ରାରୁ ସେଠାରେ ବହୁତ ଭଲ ପ୍ରତିକ୍ରିୟା ଦେଖିବାକୁ ମିଳିଅଛି ।

ରକିମ୍ ପ୍ରେସ ମାଧ୍ୟମରୁ ମଧ୍ୟ କାର୍ଯ୍ୟ ସମ୍ପାଦନ ହେଉଛି ଆଫ୍ରିକାରେ ରକିମ୍ ପ୍ରେସ ୟୁକେର ତତ୍ତ୍ୱାବଧାନରେ ଅନେକ ପ୍ରେସ ଚାଲୁଅଛି ଏବଂ ଚଳିତବର୍ଷ ଫାର୍‌ନହମ୍‌ଠାରେ ଆମର ଯେଉଁ ରକମ୍ ପ୍ରେସ ରହିଛି କେବଳ ସେଥିରେ ଯେଉଁ ପୁସ୍ତକ ପ୍ରକାଶ ହୋଇଛି ତା'ର ସଂଖ୍ୟା ହେଲା ୩ ଲକ୍ଷ ୬୦ ହଜାର ୨୪୦ । ଏହା ବ୍ୟତିତ ମୋଆଜନା ମଜାହବ୍ ନାମକ ପ୍ରତ୍ରିକା ନୁସରତ୍ ଏବଂ ୱକ୍‌ଫେ ନୌର ପ୍ରତ୍ରିକା ମରିୟମ, ଇସ୍‌ମାଇଲ୍ ନାମକ ପ୍ରତ୍ରିକା ଆଦି ରହିଛି । ଏହା ବ୍ୟତିତ ଏହି ପ୍ରେସ୍‌ରେ ଯମାତ୍‌ର କାର୍ଯ୍ୟାଳୟ ସମ୍ପର୍କିତ ଷ୍ଟେସନାରୀ କାର୍ଯ୍ୟ ମଧ୍ୟ ସମ୍ପାଦନ ହେଉଅଛି ।

ୟସ୍‌ସରନଲ୍ କୁର୍‌ଆନ୍‌ର ଯେଉଁ ଖତେ ମଞ୍ଜୁର୍ ଅଛି, ସେଇ ଶୈଳୀରେ ପବିତ୍ର କୁର୍‌ଆନ୍‌ର ମଧ୍ୟ ପ୍ରକାଶନ ହେଉଅଛି । ବିଗତ ୬ବର୍ଷେ ହେବ ଚଳିତ ବର୍ଷ ମଧ୍ୟ ଏହି କାର୍ଯ୍ୟ ସମ୍ପାଦିତ ହେଉଛି ଏବଂ ଏହି କାର୍ଯ୍ୟ ଯମାତ୍ ଅହେମଦୀୟା କାଦିୟାନ୍‌ର ତତ୍ତ୍ୱାବଧାନରେ ହୋଇଅଛି । ଏଥିପାଇଁ ଆମର ଏକ ଫଂଟ ରହିବା ଉଚିତ ଓ ତାହା ଖତେ ମଞ୍ଜୁର ଅନୁସାରେ ହେଉ ନଜାରତ୍ ଇଶଅତ୍ ଏ ସମ୍ବନ୍ଧରେ ବହୁତ କାମ କରିଛି । ଅଲ୍‌ହମ୍‌ଦୋଲିଲ୍ଲାଃ Font ରେ ବହୁତ ସୁନ୍ଦର କୁର୍‌ଆନ୍ କରିମ୍ ଛପା ସରିଛି ଓ ବଡ଼ ତଥା ତାହାର ବାଇଣ୍ଡିଙ୍ଗ ବହୁତ ସୁନ୍ଦର ପ୍ରସ୍ତୁତ କରାଯାଇଛି । ଏଠାରେ ଯେତେ ସଂଖ୍ୟାରେ ୟୁକେକୁ ଆସିଛି ଅର୍ଥାତ ଉକ୍ତ କୁର୍‌ଆନ୍, ତାହାର ଅଧିକ ଚାହିଦା ରହିଛି ଏବଂ ଶିଘ୍ର ଶିଘ୍ର ବିକ୍ରି ହେଉଅଛି । ଆମେ ଏହା ଆଶା କରୁଛୁ କି ଏହାର ଦ୍ୱିତୀୟ ସଂସ୍କରଣ ମଧ୍ୟ ଖୁବ୍ ଶିଘ୍ର ପ୍ରକାଶନ କରିବାକୁ ପଡ଼ିବ । କାରଣ ଏହାର ମଲାଟ୍‌ର ବାଇଣ୍ଡିଙ୍ଗ ନିଆରା ପ୍ରସ୍ତୁତ କରାଯାଇଛି ଓ ଦେଖିବାକୁ ଖୁବ୍ ସୁନ୍ଦର ହୋଇଛି କାଗଜ ମଧ୍ୟ ବେଶ୍ ଉତମ ରହିଛି ଯେଉଁଠି ମୁଁ କହିଲି କି ଏହି କୁର୍‌ଆନ୍ କରିମ୍‌ର Fontକୁ ୟସ୍‌ସର୍‌ନଲ୍ କୁର୍‌ଆନ୍‌ର Font ଅନୁସାରେ ମୁଦ୍ରିତ କରାଯାଇଛି, ଏହାର ନାମ ଖତେ ମଞ୍ଜୁର୍ ରଖାଯାଇଛି ଏବଂ ଏହା ହେଉଛି ଯମାତ୍ ଅହେମଦୀୟାର ବିଶେଷ ଲେଖା ଯାହାକି ଅନ୍ୟ ସ୍ଥାନମାନଙ୍କରେ ଉପଲବ୍ଧ ନୁହେଁ । ଯାହା ପଢ଼ିବାପାଇଁ ଅତ୍ୟନ୍ତ ଶରଳ ତଥା ଉପଯୋଗୀ ଯେପରି ମୁଁ କହିଲି କି ଉକ୍ତ ଦିଗରେ ଭାରତର ଯମାତ୍ ଅହେମଦୀୟା କାଦିୟାନ୍‌ର ପ୍ରକାଶନ ସଂସ୍ଥା ବହତୁ ପରିଶ୍ରମ ସହିତ ଏ ଦିଗରେ କାର୍ଯ୍ୟ କରିଛି ସେହିପରି ଭାବରେ ଏଠାରେ ରକିମ୍ ପ୍ରେସ୍‌ର ସହାୟତା ପାଇଁ ତୁର୍କୀର ମେହ୍‌ମତ୍ (Mehmet) ନାମକ ଜଣେ ଅହେମଦୀ ବନ୍ଧୁ ରହିଛନ୍ତି ଯିଏ ମୁଦ୍ରଣ କାର୍ଯ୍ୟରେ ବହୁତ ସାହାଯ୍ୟ ଓ ସହଯୋଗ କରିଛନ୍ତି । ଆଗକୁ ମଧ୍ୟ ଇନ୍‌ଶାଅଲ୍ଲାଃ ତାଲା ଅନୁବାଦର ସହିତ ମୁଦ୍ରିତ ହେବାକୁ ଥିବା କୁରାନ୍ କରିମ୍ ମଧ୍ୟ ଏହି ଫଂଟରେ ମୁଦ୍ରିତ କରାଯିବ । ତତ୍‌ସହିତ ସେହି ଅକ୍ଷର ସହିତ ହଜ୍‌ରତ୍ ମୌଲବୀ ଶେର୍ ଅଲୀଙ୍କ ଅନୁବାଦ ମଧ୍ୟ ସେହିଭଳି ଅକ୍ଷର ଲେଖାର ପ୍ରସ୍ତୁତ ହୋଇଛି । ଇନ୍‌ଶାଅଲ୍ଲାଃ ତାଲା ଖୁବ୍ ଶିଘ୍ର ମୁଦ୍ରଣ ନିମନ୍ତେ ଛାପାକଳକୁ ପଠାଇ ଦିଆଯିବ । ସେହିପରି ହଜ୍‌ରତ୍ ମିର୍ ମୁହମ୍ମଦ ଇସ୍‌ହାକ୍ ସାହେବଙ୍କ ଆକ୍ଷରିକ ଅନୁବାଦ ପାଇଁ ମଧ୍ୟ ଏହିପରି ପଦ୍ଧତିକୁ ଅବଲମ୍ବନ କରାଯିବ ଏବଂ ବ୍ୟବହାର କରାଯିବ । ଏହାର ପ୍ରସ୍ତୁତି ମଧ୍ୟ ଚାଲିଛି । ପାକିସ୍ତାନରେ ଆମର କୁର୍‌ଆନ୍ କରିମ୍ ପଢ଼ିବାକୁ, ମୁଦ୍ରଣ କରିବାକୁ ତଥା ରଖିବାପାଇଁ ଯେତେସବୁ କଟକଣାମାନ ପ୍ରଶାସନ ତରଫରୁ ଲଗାଯାଉଅଛି । ଅଲ୍ଲାଃ ତାଲାଙ୍କ କୃପାରୁ ଅଧିକରୁ ଅଧିକ ଆମମାନଙ୍କୁ ଅଲ୍ଲାଃ ତାଲା ମାର୍ଗରେ ଅର୍ଥାତ ଏହି ଦିଗରେ ଆମ ପଥ ସୁଗମ କରିଚାଲିଛନ୍ତି ।

ବର୍ତମାନ ରକିମ୍ ପ୍ରେସ ଇଂଲଣ୍ଡର ତତ୍ତ୍ୱାବଧାନରେ ଆଫ୍ରିକାର ଆଠଟି ଦେଶ ଯେପରି ଘାନା, ନାଇଜେରିଆ, ତାଞ୍ଜାନିଆ, ସେରୋଲିଓନ୍, ଆଇଭରିକୋଷ୍ଟ, ଗାମ୍ବିୟା, ବୁର୍‌କିନାଫାସୋ ଓ ବେନିନ ଭଳି ଦେଶରେ ଉକ୍ତ ପ୍ରେସ କାର୍ଯ୍ୟ ସମ୍ପାଦନ କରୁଅଛି ଏବଂ ସେମାନଙ୍କୁ ମିଶ୍‌ନାରୀ ମଧ୍ୟ ଯୋଗାଇ ଦିଆଯାଇଅଛି । ସେମାନଙ୍କର ପୁସ୍ତକ ଯାହାକି ଏଠାରୁ ପ୍ରକାଶିତ ହେଉଛି ତାହାର ମୋଟ ସଂଖ୍ୟା ହେଉଛି ୬ ଲକ୍ଷ ୧୨ ହଜାରରୁ ଉର୍ଦ୍ଧ୍ୱ । ଏହା ବ୍ୟତିତ ଖବରକାଗଜ ଓ ପ୍ରତ୍ରିକା, ପ୍ରଚାରକ ଧର୍ମ ପୁସ୍ତକ, ଲିଫ୍‌ଲେଟ୍ସ ଆଦି ତହିଁରୁ ଭିନ୍ନ ଅଟେ ଯାହାର ସଂଖ୍ୟା ପ୍ରାୟ ୯୪ ଲକ୍ଷ ୮୫ ହଜାର । ଏହି ସମୟରେ ଗାମ୍ବିୟାରେ ଘରୋଇ କାର୍ଯ୍ୟ ବ୍ୟତିତ ସ୍ଥାନିୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପାଇଁ କୋଭିଡ୍-୧୯ର ସଚେତନ ତଥା ସର୍ତକତା ପାଇଁ କେତେକ ସତର୍କତାମୁଳକ ଟିପ୍ପଣୀ ଉପରେ ଆଧାରିତ ପାମ୍ପଲେଟ୍ସ ଆଦି ମୁଦ୍ରଣ ପାଇଁ ସରକାର ଆଦେଶ ଦେଇଥିଲେ । କାରଣ ଅନ୍ୟ ପ୍ରକାଶନ ସଂସ୍ଥା ଓ ପ୍ରେସଗୁଡ଼ିକ ବନ୍ଦ ରହିଥିଲା । ଏଣୁ ସରକାର ଆମ ସହିତ ଯୋଗାଯୋଗ କରି କହିଲେ ଯେ ଆପଣଙ୍କ ସଂସ୍ଥା ଲିଫ୍‌ଲେଟ୍ସ ପ୍ରକାଶ କରନ୍ତୁ । ତେଣୁ ସରକାରଙ୍କୁ ମଧ୍ୟ ସାହାଯ୍ୟ କରାଯାଇଛି ।

ସେହିପରି ପ୍ରକାଶନ ଅଧିନ ଯେଉଁ ସବୁ କାର୍ଯ୍ୟ ରହିଛି ୯୩ଟି ଦେଶରୁ ପ୍ରାପ୍ତ ରିପୋର୍ଟ ଅନୁଯାୟୀ ୪୦୭ ଗୋଟି ଫାମ୍ପଲେଟ୍ସ ଓ ଫୋଲ୍ଡର ଆଦି ୪୨ଟି ଭାଷାରେ ୪୨ ଲକ୍ଷ ୫୬ ହଜାର ୬ଶହ ୬୯ ସଂଖ୍ୟକ ପ୍ରକାଶିତ ହୋଇଛି ଏବଂ ତନ୍ମଧ୍ୟରୁ ବିଭିନ୍ନ ଦେଶର ଏକ ବିସ୍ତୃତ ତାଲିକା ପ୍ରାପ୍ତ ହୋଇଛି । ବର୍ତମାନ ସମଗ୍ର ପୃଥିବୀରେ ୨୯ଟି ଭାଷାରେ ୯୪ଟି ଶିକ୍ଷା ସଂସ୍କାର ଓ ଜ୍ଞାନ ଭିର୍ତିକ ପ୍ରସଙ୍ଗ ଉପରେ ଆଧାରିତ ଖବର କାଗଜ ଓ ପ୍ରତ୍ରିକାମାନ ପ୍ରକାଶିତ ହେଉଅଛି ।

ପ୍ରକାଶନ ସଂସ୍ଥାର ରିପୋର୍ଟ ମୁତାବକ, ଏଠାରେ ଏହାର ପ୍ରକାଶନ ଓ ପ୍ରେରଣର ଆଉ ଏକ ବିଭାଗ ରହିଛି । ୨୪ଟି ଭାଷାରେ ୧ଲକ୍ଷ ୯୦ ହଜାରରୁ ଉର୍ଦ୍ଧ ସଂଖ୍ୟକ ପୁସ୍ତକ ଏଠାରୁ ସମଗ୍ର ପୃଥିବିରେ ପ୍ରେରଣ କରାଯାଇଛି । ଏହା ବ୍ୟତିତ ବିଭିନ୍ନ ଦେଶରେ ୭ଶହ ନଅଟି ବିଷୟବସ୍ତୁ ଉପରେ ଆଧାରିତ ମୋଟ ୬୩ ଲକ୍ଷ ୮୭ ହଜାର ସଂଖ୍ୟକ ପୁସ୍ତକ ଓ ଫୋଲ୍ଡର ଓ ଲିଫଲେଟ୍ସ ଆଦି ବିନା ଶୁଳ୍କରେ ବଂଟାଯାଇଛି ଏବଂ ଏହି ପତ୍ରପତ୍ରିକା ଓ ଲିଫଲେଟ୍ସ ଆଦି ମାଧ୍ୟମରେ ପୃଥିବରେ ଲକ୍ଷାଧିକ ଲୋକଙ୍କ ନିକଟରେ ଯମାତ୍ ଅହେମଦୀୟାର ବାର୍ତା ପହଂଚିପାରିଛି ।

ସେହିପରି ୟୁକେର ରଚନା ସଂକଳନ ବିଭାଗ ରହିଛି । ଚଳିତ ବର୍ଷ କୁରାନ୍ କରିମ୍‌ର ଇଟାଲିୟ ଭାଷାରେ ଅନୁବାଦ, କୁରାନ୍ କରିମ୍ ଉପରେ ପୂନରାୟ ବିଶ୍ଳେଷଣ କରାଯାଇ କାର୍ଯ୍ୟ ସମ୍ପନ୍ନ ହୋଇଛି । ଏହାର ପ୍ରକୃତ ଅଭିଲେଖ ମଧ୍ୟ ପ୍ରକାଶ ପାଇଁ ପ୍ରେରଣ କରିଦିଆଯାଇଛି ଏବଂ ଚଳିତ ବର୍ଷ ସହି ବୁଖାରୀର ୧୧ଟି ଗ୍ରନ୍ଥଖଣ୍ଡର ମଧ୍ୟ ୟୁକେରୁ ଅନୁବାଦ କରାଯାଇଛି । ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ପୁସ୍ତକ ଇଜାଜ୍ ଅହେମଦୀର ଇଂରାଜୀ ଅନୁବାଦ ମଧ୍ୟ ଚଳିତ ବର୍ଷ ଅନୁବାଦ ହୋଇଯାଇଛି । ଇତ୍‌ମାମୁଲ୍ ହୁଜା ଓ ଜଙ୍ଗେ ମୁକଦସ୍‌ର ଇଂରାଜୀ ଅନୁବାଦ ମଧ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି । ଇନ୍‌ଶାଅଲ୍ଲାଃ ତାଲା ଏହିସବୁ ପୁସ୍ତକଗୁଡ଼ିକ ମୁଦ୍ରଣପାଇଁ

ପ୍ରେରଣ କରିଦିଆଯିବ । ରୁହାନୀ ଖଜାଇନ୍‌ର ଦଶମ ଭାଗ ବ୍ୟତିତ ଅନ୍ୟ ୨୨ ଭାଗର ଇଂଲଣ୍ଡରୁ ପ୍ରକାଶନ କାର୍ଯ୍ୟ ଜାରି ରହିଛି ଏବଂ ଏହି ଦଶମ ଭାଗ ମଧ୍ୟ ଖୁବ୍ ଶିଘ୍ର ଆରମ୍ଭ ହୋଇଯିବ । ତେଣୁ ଆମେ ଆଶା କରୁଛୁ ଯେ ରୁହାନୀ ଖଜାଇନ୍‌ର ତେଇଶିଟି ଗ୍ରନ୍ଥ ସମ୍ପୁର୍ଣ୍ଣରୂପେ ପ୍ରକାଶିତ ହୋଇ ଲୋକ ଲୋଚନକୁ ଆସିଯିବ । ୨୦୧୯ ଓ ୨୦୨୦ ମସିହା ସମୟରେ ୩୬ ଟି ଦେଶର ୮ଟି ଡ଼େସ୍କ ଆନୁକୂଲ୍ୟରୁ ପ୍ରାପ୍ତ ରିପୋର୍ଟ ଅନୁଯାୟୀ ୩୩ଟି ଭାଷାରେ ୧୫୪ଟି ପୁସ୍ତକ ପ୍ରସ୍ତୁତ ହୋଇଥିଲା । ଯହିଁରେ ଇଂରାଜୀ, ସ୍ପେନିଅ, ୟୋଗାଣ୍ଡା, ଫାର୍ସୀ, ଜର୍ମାନ, ବର୍ମିଜ, ଫ୍ରେନ୍ସ, ହାଉସା, ଆରବୀ, ସୱାହିଲ୍, ଇଣ୍ଡୋନେସିଆ, ଉର୍ଦ୍ଦୁ, ଚାଇନିଜ୍, ଭ୍ଲୁଣ୍ଡିମେଣ୍ଡିକା, ମେସିଡ଼ୋନିଆ, ଟୋଙ୍ଗା, ପର୍ତୁଗିଜ୍, ଇବ୍ରାନୀ, ଡ଼ଚ୍, କ୍ରୋଏସିଆନ୍, ଫୋଲା, ବିମ୍ବା, ଲୁଜି, ଅଲ୍‌ବାନିଆ, ରଷିଆ, ବାଙ୍ଗଲା, ୟୁରେବା, ୱୁଲୁଫ୍, ନିଆଞ୍ଜା, ଥାଇ, ନରୱେଜିୟନ୍ ଆଦି ଅର୍ନ୍ତଭୁକ୍ତ ରହିଛି ।

ୟୁକ୍ରେନ୍‌ର ଏଗେରୋ ମେଡ୍‌ରୋକ୍ ନାମକ ଜଣେ ବନ୍ଧୁ ଯିଏକି ବିଗତ ବର୍ଷ ଜଲ୍‌ସାକୁ ଆସିଥିଲେ ଏବଂ ଜଲ୍‌ସାରେ ଅଂଶଗ୍ରହଣ କରିଥିଲେ । ସେ ଅହେମଦୀ ନଥିଲେ କିନ୍ତୁ ଯେତେବେଳେ ସେ ଜଲ୍‌ସାକୁ ଆସିଥିଲେ ସେତେବେଳେ ସେ ଆର୍ନ୍ତଜାତିକ ବୟତରେ ଯୋଗ ଦେଇ ବୟତ କରିଥିଲେ । ସେ ଜଣେ ଉତ୍କୃଷ୍ଟ ଏବଂ ଅନୁଭବି ସମାଲୋଚକ ବିଭିନ୍ନ ଧର୍ମରେ ସେ ଜଣେ ଅଭିଜ୍ଞ ଗବେଷକ ମଧ୍ୟ । ଯେତେବେଳେ ସେ ଏଠାକୁ ଆସିଲେ ଓ ମତେ ସାକ୍ଷାତ କଲେ ସେତେବେଳେ ମୁଁ ତାଙ୍କୁ କହିଲି ଯେ, ପୁସ୍ତକ ଇସ୍‌ଲାମ୍ ଅସୁଲ୍ କି ଫଲାସଫିର ଅଧ୍ୟୟନ କରନ୍ତୁ । ଆପଣ ଜଣେ ଶିକ୍ଷିତ ବ୍ୟକ୍ତି ଏବଂ ଏହାପରେ ଯାଇ ଆପଣ ନିଜର ମନ୍ତବ୍ୟ ଓ ଟିପ୍ପଣୀ ଲେଖନ୍ତୁ । ସୁତରାଂ ସେ ଫେରିଆସି କହିଲେ ଯେତେବେଳେ ମୁଁ ପୁସ୍ତକର ଅର୍ଥାତ ଇସ୍‌ଲାମ୍ ଅସୁଲ୍ କି ଫିଲାସଫିର ଅଧ୍ୟୟନ ଆରମ୍ଭ କଲି ସେତେବେଳେ ମୁଁ ଏକାଥରକେ ହିଁ ଉକ୍ତ ପୁସ୍ତକକୁ ସମାପ୍ତ କରିନେଲି ଅର୍ଥାତ ପଢ଼ିନେଲି । ସେ କୁହନ୍ତି ଯେ ମୁଁ ପୁସ୍ତକ ଅଧ୍ୟୟନ କରିବା ଦ୍ୱାରା ଏହା ଜାଣିବାକୁ ପାଇଲି ଯେ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ କାଦିୟାନି ଜଣେ ଧାର୍ମିକ ନେତା ନଥିଲେ ବରଂ ସର୍ବଧର୍ମର ଜଣେ ମହାଜ୍ଞାନୀ ଓ ଗବେଷକ ଥିଲେ । ସେ କୁହନ୍ତି ଯେ ମୁଁ ମୋ ଜୀବନରେ ଅନେକ ପୁସ୍ତକ ସମ୍ବନ୍ଧରେ ନିଆରା ମତାମତ ଓ ସମାଲୋଚନା ଲେଖିଛି କିନ୍ତୁ ମୁଁ କେବେ ବି ଏହା ଅନୁଭବ କରିନାହିଁ ଯେ ମୁଁ ଏହି ପୁସ୍ତକଗୁଡ଼ିକରୁ କୌଣସି ନୁତନ ବସ୍ତୁ ପ୍ରାପ୍ତ କରିଥିବି ବା ନୁତନ କଥା ଶିଖି ପାରିଥିବି । କିନ୍ତୁ ଇସ୍‌ଲାମ୍ ଅସୁଲ୍ କି ଫଲାସଫି ପୁସ୍ତକକୁ ପଢ଼ି ମୋ ଜ୍ଞାନରେ ଅଭିବୃଦ୍ଧି ଘଟିଛି । ଉକ୍ତ ପୁସ୍ତକ ଉପରେ ଟିପ୍ପଣୀ ଲେଖିବା କେବଳ ଜ୍ଞାନଭିର୍ତିକ ଉପରେ ଆଧାରିତ ନୁହେଁ ବରଂ ନିଜ ହୃଦୟ ଓ ଆତ୍ମାର ଆଇନା ଦ୍ୱାରା ଅତିକ୍ରମ କରି ଲେଖୁଅଛି ।

ପୁନଶ୍ଚ କୁହନ୍ତି ଯେ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍ ଇସ୍‌ଲାମ୍‌ର ପୁନଃ ସଂସ୍କରଣ ଏବଂ ଇସ୍‌ଲାମୀୟ ଗୋଷ୍ଠୀର ସଂସ୍କାର ସକାଶେ ବିଶେଷ ଜୋର୍ ଦେଇଛନ୍ତି । ନିଃସନ୍ଦେହରେ କହିବାକୁ ଗଲେ ଯେ କୌଣସି ଧର୍ମର ପୁନଃସଂସ୍କରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ । ଉକ୍ତ ସୁତ୍ରରୁ ଯଦି ଆମେ ମଧ୍ୟ ଯୁଗ ଆଡ଼କୁ ଦୃଷ୍ଟିପାତ କରୁ ତେବେ ଆମେ ଏହା ଜାଣିବାକୁ ପାଇବା ଯେ, ୟୁରୋପରେ ସଂସ୍କାରର ଜାଗରଣ ପର୍ବ ଆରମ୍ଭ ହେବା ପୂର୍ବରୁ ପ୍ରଥମେ ଖ୍ରୀଷ୍ଟଧର୍ମାଲମ୍ବୀମାନଙ୍କଠାରେ ବିଶ୍ୱାସ ଓ ଆସ୍ଥାର ଘୋର ସଂଙ୍କଟ ଦେଖାଦେଇଥିଲା ଏବଂ ଯେପର୍ଯ୍ୟନ୍ତ ମସିହ ମଉଦ୍ ଆ:ସ ଆବିର୍ଭାବ ହୋଇନଥିଲେ ସେ ପର୍ଯ୍ୟନ୍ତ ଇସ୍‌ଲାମ୍ ଧର୍ମରେ ମଧ୍ୟ ଏହିପରି ପରିସ୍ଥିତି ଥିଲା ।

ସେ କୁହନ୍ତି ଯେ ବିଶେଷକରି ମତେ ସେହି ବିଷୟଟି ଭଲ ଲାଗିଲା ଯେଉଁଠି ସ୍ୱଭାବିକ ଅବସ୍ଥା ଓ ଚାରିତ୍ରିକ ଅବସ୍ଥାରେ ଅର୍ଥ ବୋଧ କରାଯାଇଛି । ଆମମାନଙ୍କ ନିମନ୍ତେ ତାହା ଅତ୍ୟନ୍ତ ଆବଶ୍ୟକ ଯେ ଆମେମାନେ ନିଜ ଜନ୍ମର ପ୍ରକୃତ ଉଦ୍ଦେଶ୍ୟ ଓ ଅଲ୍ଲାଃ ତାଲାଙ୍କ ସୃଷ୍ଟିର ପ୍ରକୃତ ମହତ୍ୱକୁ ବୁଝିବା ଉଚିତ ଏବଂ ତାହାର ଉପାଦେୟତା ପ୍ରତି ସଚେତନ ହେବା ଉଚିତ । ସେହିପରି ନିଜର ଚାରିତ୍ରିକ ଅବସ୍ଥା ଓ ତାହାର ମୌଳିକତାକୁ ବୁଝିବାକୁ ଚେଷ୍ଟା କରିବା ଉଚିତ । ଆମେମାନେ ଅନେକ ସମୟ ଏହା ଭୁଲିଯାଇଥାଉ ଯେ, ସାମ୍ପ୍ରତିକ ଯୁଗରେ ସେହି ମାଧ୍ୟମଗୁଡ଼ିକ, ଯାହାସବୁ ମନୁଷ୍ୟକୁ ସତ୍ୟଠାରୁ ଦୁରେଇ ଦେଇଥାଏ ତାହାର ବହୁଳତା ଘଟିଛି ଏଣୁ ଏହା ନିତ୍ୟାନ୍ତ ଆବଶ୍ୟକ ଯେ ଆମେମାନେ ଅଲ୍ଲାଃ ତାଲାଙ୍କ ପ୍ରାଣୀମାନଙ୍କ ମହତ୍ୱକୁ ହୃଦୟଙ୍ଗମ କରିବା । ପୁନଶ୍ଚ ସେ ଉକ୍ତ ପୁସ୍ତକର ଅଧ୍ୟୟନ କରି ମତେ ଜଣାଇଲେ ଯେ, ମୁଁ ଯାହା ତାଙ୍କୁ ଏକ ଉଦ୍‌ବୋଧନୀରେ କହିଥିଲି ତାହା ତାଙ୍କୁ ମନେପଡ଼ିଯାଇଛି । ଉଦ୍‌ବୋଧନୀରେ ଶେଷ ପଦଗୁଡ଼ିକ ଥିଲା, ଇସ୍‌ଲାମୀୟ ସଂସ୍କାରରେ ଇସ୍‌ଲାମ ଧର୍ମର ସ୍ଥାପନ ସମ୍ପର୍କରେ ଯେଉଁ ଭୁଲ୍ ବିଚାର ଧାରାର ସଂସ୍କାରର ଏବଂ ପୁନଶ୍ଚ ନିଜ ଯମାତ୍‌ର ସଂସ୍କାର ଆଡ଼କୁ ମଧ୍ୟ ଦୃଷ୍ଟି ଆକର୍ଷିତ କରିଥିଲି । ସେ କୁହନ୍ତି ଯେ ମତେ ଆପଣଙ୍କର ସେହି ବାକ୍ୟ ମନେପଡ଼ିଯାଇଛି, ସେ କୁହନ୍ତି ଆମମାନଙ୍କ ମଧ୍ୟରୁ ଯଦି ପ୍ରତ୍ୟେକ ବ୍ୟକ୍ତି ନିଜ ପରିବାର, ନିଜ ପାରିପାର୍ଶିକ ପରିବେଶ ଓ ନିଜ ଦେଶର ସଂସ୍କାର କରିବ ତେବେ ଏପରି କରିବା ଦ୍ୱାରା ସଂସାରର ବିଶ୍ୱାସମୁଳକ ଅବସ୍ଥାର ସଂସ୍କାର ମଧ୍ୟ କରିପାରିବ ।

ମିର୍ଜା ଗୁଲାମ୍ ଅହେମଦ୍ ସାହେବ ସ୍ୱାଭାବିକ ଅବସ୍ଥା ଓ ଚାରିତ୍ରିକ ଅବସ୍ଥାକୁ ବ୍ୟାଖ୍ୟା କରି ଧାର୍ମିକ ଜ୍ଞାନର ଏକ ନୂତନ ଅଧ୍ୟାୟ ଉନ୍ମୁକ୍ତ କରିଦେଇଛନ୍ତି ଏବଂ ମୋ ମତରେ ହଜ୍‌ରତ୍ ମସିହ ମଉଦ୍ ଆ:ସ ସର୍ବପ୍ରଥମେ ଏହି ପାରିଭାଷିକ ଶବ୍ଦ ପ୍ରୟୋଗ କରିଛନ୍ତି ଏବଂ ତାହାକୁ ଅତ୍ୟନ୍ତ ଉଚ୍ଚକୋଟୀ ଓ ପବିତ୍ର ଢ଼ଙ୍ଗରେ ବୁଝାଇଛନ୍ତି ।

ସେ କୁହନ୍ତି ଧାର୍ମିକ ଜ୍ଞାନ ଓ ଦର୍ଶନ ଶାସ୍ତ୍ର ହିସାବରେ ମୁଁ ଏହି ପୁସ୍ତକକୁ ଅଧ୍ୟୟନ କରି ଅତ୍ୟନ୍ତ ଆନନ୍ଦ ଉପଭୋଗ କରିଛି । ଏଣୁ ମୋର ଏହିପରି ପରାମର୍ଶ ଯେ ଯମାତ୍ ଅମେହଦୀୟା ମଧ୍ୟ ଉକ୍ତ ପୁସ୍ତକକୁ ବହୁଳ ସଂଖ୍ୟାରେ ପ୍ରକାଶ କରୁ ଏବଂ ବିଭିନ୍ନ ଭାଷାରେ ଏହାର ଅନୁବାଦ କରୁ କାରଣ ଲୋକମାନେ ଯେପରି ଉକ୍ତ ପୁସ୍ତକକୁ ଅଧ୍ୟୟନ କରି ଧର୍ମ ବିଶ୍ୱାସ ଓ ପ୍ରକୃତ ସତ୍ୟତା ସମ୍ପର୍କରେ ଅବଗତ ହୋଇପାରିବେ ।

ସେହିପରି ନେପାଳରେ ଜଣେ ଅଧ୍ୟାପକ ଅଛନ୍ତି । ଯେତେବେଳେ ତାଙ୍କୁ ମୋ ପୁସ୍ତକ ୱାଲ୍ଡ କ୍ରାଇସେସ୍ ଆଣ୍ଡ ପାଥୱେ ଟୁ ପିସ୍ ଉପହାର ସ୍ୱରୁପ ଦିଆଗଲା, ସେତେବେଳେ ସେ କହିଲେ ଉକ୍ତ ପୁସ୍ତକଟି ସାମ୍ପ୍ରତିକ ପରିସ୍ଥିତି ଅନୁଯାୟୀ ସର୍ବୋତ୍କୃଷ୍ଟ ପୁସ୍ତକ ଅଟେ । ଉକ୍ତ ପୁସ୍ତକର ଅନେକ ପାରାଗ୍ରାଫ ଅର୍ଥାତ ଅନୁଚ୍ଛେଦ ଏବଂ ପଂକ୍ତି ଉପରେ ସେ ଚିହ୍ନ ଲଗାଇ ତାକୁ ଅଣ୍ଡରଲାଇନ କରିଦେଇଥିଲେ । ସେ କହିବାକୁ ଲାଗିଲେ ଯେ, ସେହି ସନ୍ଦର୍ଭକୁ ଦୃଷ୍ଟିଗୋଚର କରାଇବା ପାଇଁ କଲମ ସାହାଯ୍ୟରେ ତାହାକୁ ହାଇଲାଇଟ କରିବାକୁ ଚାହୁଁଥିଲି, କାରଣ ଉକ୍ତ କଥାକୁ ସଂସାର ଆଗରେ ପ୍ରକାଶ କରିବାର ଅତ୍ୟନ୍ତ ଆବଶ୍ୟକତା ରହିଛି । ସମଗ୍ର ପୃଥିବୀ ପାଇଁ ଉକ୍ତ ପୁସ୍ତକରେ ଅନେକ ନିତିଶିକ୍ଷା ରହିଛି । ଅଧ୍ୟାପକ ମହୋଦୟ କହିଲେ, ଯେ ମତେ ଉକ୍ତ ପୁସ୍ତକ ବହୁତ ଭଲ ଲାଗିଛି ଏବଂ ମୁଁ ନିଜ ସାଙ୍ଗମାନଙ୍କୁ ମଧ୍ୟ ଉକ୍ତ ପୁସ୍ତକ ଅଧ୍ୟୟନ କରିବାକୁ ଦେଇଛି ।

ପୁନଶ୍ଚ ନେପାଳର ଡ଼ାକ୍ତର ଗୋବିନ୍ଦ ନାମକ ଅନ୍ୟଜଣେ ଅଧ୍ୟାପକ ତଥା ସମାଲୋଚକ ରହିଛନ୍ତି ସେ କହିଲେ କି ମୁଁ ଉକ୍ତ ପୁସ୍ତକର ଅଧ୍ୟୟନ କରିଛି ଏବଂ ଆଜି ଯେତେବେଳେ ସମଗ୍ର ଗଣମାଧ୍ୟମ ଯୋଗୁଁ ମୁସଲମାନମାନଙ୍କର ବିକୃତ ଛବି ସାରା ଜଗତରେ ଉପସ୍ଥାପିତ ହେଉଛି ଏଭଳି ପରିସ୍ଥିତିରେ ଜଣେ ମୁସଲମାନ ନେତା ସମଗ୍ର ପୃଥିବୀର ଶାନ୍ତିର ସ୍ଥାପନ ପାଇଁ ଆପ୍ରାଣ ଚେଷ୍ଟା ଚଳାଇଛି । ଅଣମୁସଲମାନ ସମ୍ପ୍ରଦାୟ ପାଇଁ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ବିଷୟ ଏହି କି ଯେ, ସେ ଏଭଳି କାର୍ଯ୍ୟରେ ତତ୍ପର । ପୁନଶ୍ଚ ସେ କୁହନ୍ତି ଯେ, ପୃଥିବୀରେ ମୁସଲମାନମାନଙ୍କର ୭୩ଟି ଗୋଷ୍ଠୀ ରହିଛି ଏବଂ ଇସ୍ରାଇଲ୍ ସହିତ ମୁସଲମାନମାନଙ୍କର ଧାର୍ମିକ ଓ ରାଜନୈତିକ ବିବାଦ ଓ ଶତୃତା ମଧ୍ୟ ରହିଛି । ଏଭଳି ପରିସ୍ଥିତିରେ ଜଣେ ମୁସଲମାନ ନେତାଙ୍କ ନିକଟରୁ ପୃଥିବୀରେ ଶାନ୍ତି ସ୍ଥାପନ ପାଇଁ ସେଠାକାର ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖିବା ଅତ୍ୟନ୍ତ ସାହାସିକତାର ପରିଚୟ ଏବଂ ସେହିପରି ଯମାତ୍ ଅହେମଦୀୟାର ଖଲିଫା ଇରାନ୍‌ର ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଏ ସୁତ୍ରରୁ ଏକ ପତ୍ର ଲେଖିଛନ୍ତି ମୁଁ ତହିଁରୁ ବହୁତ ପ୍ରଭାବିତ ହୋଇଛି । ସେହିପରି ସେ କୁହନ୍ତି ଯେ ବିଶ୍ୱ ସଙ୍କଟ ଓ ଶାନ୍ତିସ୍ଥାପନର ଅଧ୍ୟୟନ କରିବା ଫଳରେ ଅଣମୁସଲମାନ ଲୋକମାନଙ୍କୁ ଇସ୍‌ଲାମ୍‌ର ଶାନ୍ତି ବାର୍ତା ସମ୍ପର୍କରେ ଜାଣିବାକୁ ଏବଂ ବୁଝିବାକୁ ଅତ୍ୟନ୍ତ ସହାୟ ହେବ । ଯମାତ୍ ଅହେମୀଦୟା ଅନ୍ୟ ମୁସଲମାନ ଗୋଷ୍ଠୀ ସମ୍ପର୍କରେ ଶାନ୍ତି ମାଧ୍ୟମରେ ପୃଥିବୀବାସୀଙ୍କ ଆଗରେ ନିଜ କଥାକୁ ଉପସ୍ଥାପିତ କରେ ଓ ଯମାତ୍ ଅହେମଦୀୟାର କଥନ ଅନୁଯାୟୀ ପବିତ୍ର କୁରାନ୍‌ର ଶିକ୍ଷା ଉପରେ ପରିଚାଳିତ ହେବା ଦ୍ୱାରା ସଂସାରରେ ଶାନ୍ତିସ୍ଥାପନ ହୋଇପାରିବ ଏବଂ ନିଃସନ୍ଦେହରେ ଉକ୍ତ କଥାକୁ ଅସ୍ୱୀକାର କରାଯାଇପାରିବ ନାହିଁ ।

ସେହିପରି ନେପାଳର ଜଣେ ବନ୍ଧୁ ସେ ବୁକ୍‌ଷ୍ଟଲ୍ ଆଗରେ ୱାଲ୍ଡ କ୍ରାଇସେସ୍ ଆଣ୍ଡ ପାଥୱେ ଟୁ ପିସ୍ ପୁସ୍ତକ ଦେଖି କହିବାକୁ ଲାଗିଲେ ଯେ ଉକ୍ତ ପୁସ୍ତକରେ ଏ ପ୍ରଶ୍ନ ସବୁ ଉପସ୍ଥାପିତ ହୋଇଛି ଯେ ଇସ୍‌ଲାମ୍ କେଉଁ ପରିସ୍ଥିତି ଓ କାହିଁକି ଯୁଦ୍ଧ କରିବାକୁ ଅନୁମତି ପ୍ରଦାନ କରିଥିଲା । ଏ ସମ୍ପର୍କରେ ସେ କହିବାକୁ ଲାଗିଲେ ଯେ, ଉକ୍ତ ପ୍ରଶ୍ନଟି ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଯାହାର ଉତର ମୁଁ ଦୀର୍ଘ ଦିନ ହେଲା ସନ୍ଧାନ କରୁଥିଲି ଏବଂ ଆଜି ତାହା ମତେ ମିଳିଯାଇଛି ।

ପୁନଶ୍ଚ ଭାରତର ଝାରଖଣ୍ଡ ରାଜ୍ୟର ଜଣେ ବ୍ୟକ୍ତି ପୁସ୍ତକମେଳାକୁ ଆସିଲେ ସେ ଇସ୍‌ଲାମ୍ ସପକ୍ଷରେ ଅତ୍ୟନ୍ତ ସାମ୍ପ୍ରଦାୟିକ ତଥା ବିଦ୍ୱେଷ ମନୋଭାବ ପୋଷଣ କରୁଥିଲେ । ସେ ଆମ ଷ୍ଟଲ୍‌କୁ ଆସି ଇସ୍‌ଲାମ୍ ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ବିରୋଧରେ ବିଭିନ୍ନ ପ୍ରକାର ଆପତିଜନକ ପ୍ରଶ୍ନ କରିବା ଆରମ୍ଭ କରିଦେଲେ । ସେ ଇସ୍‌ଲାମ୍ ବିରୋଧରେ ସମସ୍ତ ପୁସ୍ତକକୁ ଅଧ୍ୟୟନ କରିଥିଲେ ଯଦ୍ୱାରା ସେ ଆପତି ଓ ପ୍ରଶ୍ନ ଉତ୍‌ଥାପିତ କରୁଥିଲେ । ଯେତେବେଳେ ତାଙ୍କୁ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ସମ୍ବନ୍ଧରେ ଅବଗତ କରାଗଲା ସେତେବେଳେ ସେ ବହୁତ ପ୍ରଭାବିତ ହେଲେ ଓ କହିଲେ ମୁଁ ଆଜି ପର୍ଯ୍ୟନ୍ତ ଇସ୍‌ଲାମ୍ ସପକ୍ଷରେ ସଠିକ୍ ଜ୍ଞାନ ପାଇନଥିଲି । କିନ୍ତୁ ବର୍ତମାନ ମୁଁ ଆପଣଙ୍କ ଲିଟ୍‌ରେଚର୍ ଅଧ୍ୟୟନ କରିଛି ସୁତରାଂ ମହୋଦୟଙ୍କୁ ପୁସ୍ତକ ପ୍ରଦାନ କରାଗଲା ଏବଂ ବିଶେଷକରି ଏହି ପୁସ୍ତକ ଅର୍ଥାତ ୱାଲ୍ଡ କ୍ରାଇସେସ୍ ଆଣ୍ଡ ପାଥୱେ ଟୁ ପିସ୍ ପୁସ୍ତକ ପ୍ରଦାନ କରାଯାଇଥିଲା । ସୁତରାଂ ଏହି ଭଦ୍ର ମହୋଦୟ ପରିବର୍ତୀ ଦିନ ଆସିଲେ ଏବଂ କହିଲେ ମୁଁ ଏହି ପୁସ୍ତକର କିଛି ଅଂଶ ଅଧ୍ୟୟନ କରିଛି ଏବଂ ତାହା ମତେ ଖୁବ୍ ଭଲ ଲାଗିଲା । ଏହି ପୁସ୍ତକକୁ ପଢ଼ିବା ଦ୍ୱାରା ମୋ ମନମସ୍ତିଷ୍କରେ ଇସଲାମ ବିରୋଧରେ ଥିବା ସମସ୍ତ ଆପତି ଓ ଅଭିଯୋଗ ଦୁରିଭିତ ହୋଇଯାଇଛି । ବର୍ତମାନ ସେହି ଭଦ୍ର ବ୍ୟକ୍ତି ଜଣକ ଯମାତ୍ ଅହେମଦୀୟା ସହିତ ଯୋଗାଯୋଗ ସ୍ଥାପନ କରିଛନ୍ତି ।

ସେହିପରି କିରିବାତିର ମୁବଲିଗ୍

ସାହେବ ଉଲ୍ଲେଖ କରନ୍ତି ଯେ ଏଠାକାର ଲୋକମାନଙ୍କ ମଧ୍ୟରେ ଏହିକଥା ପ୍ରଚଳିତ ରହିଛି ଯେ ପ୍ରତ୍ୟେକ ମୁସଲମାନ ଅନ୍ୟ ମୁସଲମାନମାନଙ୍କୁ ବଦ୍ଧ କରିବାପାଇଁ ବ୍ୟଗ୍ର ହୋଇଉଠିଥାଏ କିନ୍ତୁ ବର୍ତମାନ ଅନେକ ଲୋକମାନେ ଏହା ଜାଣିପାରିଛନ୍ତି ଯେ ଉକ୍ତ କଥାଟି ଭ୍ରମାତ୍ମକ ଅଟେ । ଏପରି କି ଯେତେବେଳେ ରାଷ୍ଟ୍ରପତିଙ୍କୁ କୁହାଗଲା ଯେ ମୁସଲମାନମାନଙ୍କୁ ଦେଶ ଭିତରେ ପ୍ରବେଶ କରିବାକୁ କାହିଁକି ଅନୁମତି ପ୍ରଦାନ କରାଯାଉଛି । ସେହି ଲୋକମାନଙ୍କୁ ଶିଘ୍ର ଏଠାରୁ ବାହାର କରିଦିଆଯାଉ । ପ୍ରତିଉତରରେ ଦେଶର ରାଷ୍ଟ୍ରପତି କହିଲେ ଯେ ମୁଁ ପବିତ୍ର କୁରଆନ୍ ଅଧ୍ୟୟନ କରିଛି ଏବଂ ଇସ୍‌ଲାମ୍ ଏକ ଶାନ୍ତିପୁର୍ଣ୍ଣ ଧର୍ମ ଓ ମୁଁ ସେମାନଙ୍କୁ ଏଠାରୁ କେବେହେଲେ ବାସନ୍ଦ କରିବିନାହିଁ । ସକଳ ପ୍ରଶଂସା ଅଲ୍ଲାଃ ତାଲାଙ୍କ ପାଇଁ ଉଦ୍ଦିଷ୍ଟ ଦେଶର ରାଷ୍ଟ୍ରପତିଙ୍କ ସହିତ କିଛି ସାକ୍ଷାତରେ ହିଁ ତାଙ୍କୁ ଇସ୍‌ଲାମ୍‌ର ସଠିକ୍ ଶିକ୍ଷା ସମ୍ପର୍କରେ ଅବଗତ କରାଗଲା । ବର୍ତମାନ କେବଳ ଯମାତ୍ ଅହେମଦୀୟା ହିଁ ଏକ ମାତ୍ର ସମ୍ପ୍ରଦାୟ ଯିଏ ଉକ୍ତ ଦେଶରେ ଇସ୍‌ଲାମୀୟ ଶିକ୍ଷାର ପ୍ରଚାର ଓ ପ୍ରସାର କରୁଅଛି ।

ପୁନଶ୍ଚ ଶିଆଙ୍ଗା ଅଂଚଳରେ ଯାତ୍ରା କରି ସେଠାକାର ଆଂଚଳିକ ମୁବ୍‌ଲିଗ୍ ସାହେବ କୁହନ୍ତି, ମୁଁ ସେଠାକାର ଚେୟାରମ୍ୟାନଙ୍କୁ ଭେଟିଲି ସେ ଜଣେ ବିଚାର ବୁଦ୍ଧି ସମ୍ପନ୍ନ ବ୍ୟକ୍ତି ଏବଂ ଜଣେ ଭଦ୍ର ବ୍ୟକ୍ତି ମଧ୍ୟ କିନ୍ତୁ ସେ ଜଣେ ନାସ୍ତିକବାଦି । ମୁବଲିଗ୍ ସାହେବ କୁହନ୍ତି ମୁଁ ଯେତେବେଳେ ତାଙ୍କୁ କହିଲି ଈଶ୍ୱର ଅଛନ୍ତି ଓ ତାଙ୍କୁ ଈଶ୍ୱରଙ୍କୁ ମାନିବା ଓ ଧର୍ମକର୍ମ କରିବା ଉଚିତ, ସେତେବେଳେ ସେ ବାର୍ତାଳାପ ସମୟରେ ସେ କହିଲେ, ସମାଜରେ ମୋର ଯଥେଷ୍ଟ ଖ୍ୟାତି ରହିଛି ମୋର ଦୁଇ ଦୁଇଟି ସ୍ତ୍ରୀ ଓ ସନ୍ତାନ ମଧ୍ୟ ଅଛନ୍ତି, ଭଗବାନଙ୍କୁ ନ ମାନିବା ଦ୍ୱାରା ମୋ ଜୀବନ ଭଲଭାବରେ କଟିଯାଉଅଛି । ତେଣୁ ମୋର ଭଗବାନ ଓ ଧର୍ମକୁ ମାନିବାର କଣ ବା ଆବଶ୍ୟକତା ରହିଛି ? ପ୍ରତିଉତରରେ ମୁବଲିଗ୍ ସାହେବ ତାଙ୍କୁ ହଜ୍‌ରତ୍ ମସ୍ଲେହ ମଉଦ୍ ର:ଅଙ୍କ ପୁସ୍ତକରୁ ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱ ସମ୍ପର୍କରେ ଉଦାହରଣ ଏବଂ ପ୍ରମାଣ ଉପସ୍ଥାପିତ କଲେ । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କର ଏହି ଦୁଇଟି ପୁସ୍ତକ ବହୁତ ଜ୍ଞାନବର୍ଦ୍ଧକ ପୁସ୍ତକ ତେଣୁ ପ୍ରତ୍ୟେକ ଅହେମଦୀଙ୍କୁ ଏହି ଦୁଇଟି ପୁସ୍ତକ ପଢ଼ିବା ଉଚିତ । ଏହାକୁ ଶୁଣି ସେ ନାସ୍ତିକବାଦି ବ୍ୟକ୍ତିଜଣକ କହିଲେ ମୁଁ ଇସ୍‌ଲାମ୍ ଓ ଅହେମଦୀୟତ ଗ୍ରହଣ କରିବାକୁ ଚାହୁଁଛି । ଏଥିରେ ମୁବ୍‌ଲିଗ୍ ସାହେବ କହିଲେ ବର୍ତମାନ ତ ଆପଣ ଧର୍ମର ଆବଶ୍ୟକତା ସମ୍ପର୍କରେ ଅସ୍ୱୀକାର ପ୍ରକାଶ କରୁଥିଲେ । ପରବର୍ତୀ ମୁହୁର୍ତରେ ଆପଣ ଇସ୍‌ଲାମ୍ ଓ ଅହେମଦୀୟତ ଗ୍ରହଣ କରିବାକୁ ଚାହୁଁଛନ୍ତି । ପ୍ରତି ଉତରରେ ସେ କହିଲେ ଯେ ଆପଣଙ୍କ କଥାକୁ ଶୁଣି ମୋ ହୃଦୟ ଆଶ୍ୱସ୍ତିକର ଅନୁଭବ କରୁଛି । ଯଦି ଧର୍ମ ପ୍ରକୃତରେ ଅଲ୍ଲାଃ ତାଲାଙ୍କ ସମ୍ପର୍କରେ ଏହି ପ୍ରକାରର ବିଚାର ଉପସ୍ଥାପିତ କରେ ତେବେ ଆମେ ତାହାକୁ ସ୍ୱୀକାର କରିବା ବିଧେୟ । ତାଙ୍କୁ ବୟତର ସର୍ତାବଳି ପଢି ଶୁଣାଇ ଦିଆଗଲା ଏବଂ ସେ ନିଜର ଆଠଟି ସନ୍ତାନ ସମେତ ସପରିବାର ଅହେମଦୀୟତରେ ଅର୍ନ୍ତଭୁକ୍ତ ହୋଇଗଲେ । ଅଲ୍ଲାଃ ତାଲାଙ୍କ କୃପାରୁ ସେ ନିୟମିତ ରୂପେ ଜୁମା ନମାଜ ପଢୁଛନ୍ତି ଏବଂ ଯମାତ୍ ସହିତ ତାଙ୍କର ପୂର୍ଣ୍ଣ ଯୋଗାଯୋଗ ରହିଛି ।

ଚଳିତ ବର୍ଷ ଲିଫ୍‌ଲେଟ୍ସ ବଂଟନର ଯୋଜନା ରହିଥିଲା, ଚଳିତ ବର୍ଷ ୧୧୧ଟି ଦେଶରେ ମୋଟ ୯୩ ଲକ୍ଷ ୫୭ ହଜାର ଅତିରିକ୍ତ ଲିଫଲେଟ୍ ବଂଟନ କରାଯାଇଛି । ଯଦ୍ୱାର ୨କୋଟି ୨୭ ଲକ୍ଷ ଲୋକମାନଙ୍କ ନିକଟରେ ଯମାତ୍ ଅହେମଦୀୟାର ବାର୍ତା ପହଂଚିପାରିଛି । ଉକ୍ତ କାର୍ଯ୍ୟରେ ଜର୍ମାନୀ ସର୍ବପ୍ରଥମ ସ୍ଥାନ ଅଧିକାର କରିଛି ଯେଉଁଠରେ ୨୫ ଲକ୍ଷ ଲିଫଲେଟ୍ସ ବଂଟନ କରାଯାଇଛି । ତା'ପରେ ୟୁକେ ଯେଉଁଠାରେ ୧୩ଲକ୍ଷ ଲିଫଲେଟ୍ସ ବଂଟନ କରାଯାଇଛି । ତା'ପରେ ଅଷ୍ଟ୍ରେଲିଆ ଓ ହଲାଣ୍ଡ, ଫ୍ରାନ୍ସ, କାନାଡ଼ା ଆଦି ଦେଶମାନ କ୍ରମାନ୍ୱୟରେ ରହିଛନ୍ତି ।

ସେହିପରି ଅନ୍ୟ ଦେଶଗୁଡ଼ିକ ମଧ୍ୟରେ ଲିଫଲେଟ୍ସ ବଂଟନ କରାଯାଇଛି । ଆଫ୍ରିକା ମହାଦେଶରେ ଯେଉଁ ଲିଫଲେଟ୍ସ ବଂଟନ କରାଯାଇଛି ତହିଁରେ ତାଞ୍ଜାନିଆ ଦେଶ ସର୍ବପ୍ରଥମ ସ୍ଥାନ ଅଧିକାର କରିଛି ଯେଉଁଠାରେ ୨ଲକ୍ଷ ବଂଟନ ହୋଇଛି । ପୁନଶ୍ଚ ଏଠାରେ ବେନିନ୍ନ ଦେଶ ସେମାନେ ମଧ୍ୟ ପ୍ରାୟ ତାଞ୍ଜାନିଆ ସମ ଲିଫଲେଟ୍ସ ବଂଟନ କରିଛନ୍ତି । ତୃତୀୟ ସ୍ଥାନରେ ବୁର୍‌କିନାଫାସୋ, ନାଇଜେରିଆ, କଙ୍ଗୋ, କେନ୍‌ସାସା ଆଦି ଦେଶ ରହିଛନ୍ତି ଏହା ବ୍ୟତିତ ଭାରତରେ ପ୍ରାୟ ୪ଲକ୍ଷ ୪୬ ହଜାରରୁ ଉର୍ଦ୍ଧ ଲିଫଲେଟ୍ସ ବଂଟନ ହୋଇଛି ।

ତାଞ୍ଜାନିଆର ମାରା ଅଂଚଳରେ ମୁବ୍‌ଲିଗ୍ ସାହେବ ଉଲ୍ଲେଖ କରନ୍ତି ଯେ ଗ୍ରାମର ତିନିଜଣ ଯୁବକ ଯମାତ୍‌ର ପାମ୍ପଲେଟ୍ସ ପଢ଼ି ଯମାତ୍ ସହିତ ଯୋଗାଯୋଗ କଲେ ଏବଂ ଯମାତ୍ ସମ୍ପର୍କରେ ସୁଚନା ଓ ତଥା ଅବଗତ ହାସଲ କଲେ । କିଛି କାଳ ତବ୍‌ଲିଗ୍ ଅଧିନ ରହିବାପରେ ପରବର୍ତୀ ପର୍ଯ୍ୟାୟରେ ସେମାନେ ବୟତ କରି ଯମାତ୍‌ରେ ସାମିଲ ହୋଇଗଲେ ଏବଂ ନିଜ ଗ୍ରାମରେ ତବ୍‌ଲିଗ୍ ଆରମ୍ଭ କରିଦେଲେ । ତନ୍ମଧ୍ୟରୁ ଗ୍ରାମର ଜଣେ ଯୁବକ ଚେୟାନମ୍ୟାନ ମଧ୍ୟ ଅଛନ୍ତି, ଅଲ୍ଲାଃ ତାଲାଙ୍କ କୃପାରୁ ସେଠାରେ ଅହେମଦୀୟତ ବାର୍ତା ଘରେ ଘରେ ପହଂଚୁଛି ଏବଂ ବର୍ତମାନ ସୁଦ୍ଧା ସେହି ଗ୍ରାମରେ ୮୨ଜଣ ବ୍ୟକ୍ତି ବୟତ କରି ଯମାତ୍ ଅହେମଦୀୟାରେ ସାମିଲ ହୋଇଗଲେଣି । ତବ୍‌ଲିଗ୍ ସମୟରେ ଏହି ତିନିଜଣ ଯୁବକଙ୍କୁ ନାନାପ୍ରକାର ଅସୁବିଧା ଓ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଦିନେ ଅନ୍‌ସାରୁସ୍ ଯମାତ୍‌ର ଜଣେ ଗୈର୍ ଅହେମଦୀ ମୌଲବୀ ଆସିଲେ ଏବଂ ଲୋକଙ୍କ ଆଗରେ ଉଚ୍ଚ ସ୍ୱରରେ ଯମାତ୍ ବିରୋଧରେ ଅପଶବ୍ଦମାନ ବ୍ୟବହାର କଲେ, ଲୋକମାନେ ତାହାକୁ ବହୁତ ଚୁପ୍ କରିବାକୁ ଚେଷ୍ଟା କଲେ । ଜଣେ ଧାର୍ମିକ ନେତାଙ୍କର ପକ୍ଷରେ ଏପରି ପାଟିତୁଣ୍ଡ ଓ ଅପଶବ୍ଦ ପ୍ରୟୋଗ କରିବା ଭଲ କଥା ନୁହେଁ ବୋଲି ବୁଝାଇଲେ, ପ୍ରତିଉତରରେ ନିୟମିତ ରୂପେ ଯୁକ୍ତିତର୍କ ହେଲା ଏବଂ ଯମାତ୍ ଅହେମଦୀୟା ଶିକ୍ଷା ଉପରେ ଚିନ୍ତା କରିବାପ୍ରତି ନିମନ୍ତ୍ରଣ ଦିଆଗଲା । ଯେତେବେଳେ ସେହି ମୌଲବୀ ଜଣଙ୍କ ଦଲିଲ୍ ଦ୍ୱାରା ପରାସ୍ତ ହେଲେ ସେତେବେଳେ ସେ ପୂର୍ନବାର ଅପଶବ୍ଦ ପ୍ରୟୋଗ କଲେ । ଯମାତ୍ ଅହେମଦୀୟାର ଶାନ୍ତିପ୍ରୀୟ ଶିକ୍ଷା ଓ ଉକ୍ତ ଘଟଣାରୁ ପ୍ରଭାବିତ ହୋଇ ଜଣେ ବୟସ୍କ ବୃଦ୍ଧ ବ୍ୟକ୍ତି ନିଜର ଜମିକୁ ନମାଜ ପାଇଁ ଜୁମା ଓ ବାଯମାତ୍ ନମାଜ ପାଠ କରିବା ନିମନ୍ତେ ପ୍ରଦାନ କଲେ । ଏହିପରି ଭାବରେ ଆମ ଯମାତ୍‌ର ସଂସ୍କାରମୂଳକ କ୍ଲାସରେ ଅନେକ ଅଣଅହେମଦୀ ପିଲାମାନେ ମଧ୍ୟ ସାମିଲ ହେଉଛନ୍ତି । ସୁତରାଂ ଅଣଅହେମଦୀମାନଙ୍କ ବିରୋଧ ହିଁ ଆମମାନଙ୍କ ତବ୍‌ଲିଗ୍‌ର ମାଧ୍ୟମ ସାଜୁଛି ।

ଫ୍ରାନ୍ସ ଯମାତ୍‌ର ସଭାପତି ଉଲ୍ଲେଖ କରନ୍ତି ଯେ, ତୋଲୁସ୍ ସହରର କେନ୍ଦ୍ରରେ ରବିବାର ଦିନ ଲାଗୁଥିବା ହାଟରେ ଆମେ ଲିଫଲେଟ୍ସ ବଂଟନ କଲୁ । ଜଣେ ବୃଦ୍ଧା ମହିଳା ସ୍ମିତହାସ୍ୟ ପ୍ରକାଶ କରି ଆଗକୁ ଆସିଲେ ଏବଂ କହିଲେ, ଆପଣମାନେ ମତେ ମାତୃଭୁମି ପ୍ରତି ମମତା ଓ ପ୍ରେମ ଓ ପରଦା ସମ୍ପର୍କରେ ଯେଉଁ ଲିଫଲେଟ୍ସ ପ୍ରଦାନ କଲେ ମୁଁ ସେହି ସମସ୍ତ ଲିଫଲେଟର ଅଧ୍ୟୟନ କରିଛି ଏବଂ ମୁଁ ଏହାକୁ ପଢ଼ି ବହୁତ ଆନନ୍ଦିତ ହୋଇଛି । ସାମ୍ପ୍ରତିକ ଯୁଗରେ ଏପରି ଶିକ୍ଷା ର ଘୋର ଆବଶ୍ୟକତା ରହିଛି ଏବଂ ସେ ଏହା ମଧ୍ୟ ପଚାରିଲେ ଯେ ଆପଣମାନଙ୍କୁ ଲିଫଲେଟ ବାଂଟିବାକୁ କେତେ ପଇସା ମିଳୁଛି । ଯେତେବେଳେ ତାଙ୍କୁ କୁହାଗଲା ଯେ, ଆମେମାନେ ତ ଅଲ୍ଲାଃ ତାଲାଙ୍କ ଖାତିର୍ ତାଙ୍କ ପ୍ରତିଭାଜନ ଲାଭ କରିବାପାଇଁ ବିନା କୌଣସି ପାରିଶ୍ରମିକ ନେଇ ଏହି କାର୍ଯ୍ୟ କରୁଅଛୁ । ସେତେବେଳେ ସେ ଆଶ୍ଚର୍ଯ୍ୟ ଚକିତ ହୋଇଗଲେ ଏବଂ ବହୁତ ପ୍ରଭାବିତ ମଧ୍ୟ ହେଲେ ।

ଯେତେବେଳେ ପ୍ରଦର୍ଶନୀ ଓ ପୁସ୍ତକମେଳା ଆଦି ଅନୁଷ୍ଠିତ ହୁଏ ସେତେବେଳେ ପବିତ୍ର କୁରାନ୍ କରିମ୍ ଯମାତ୍ ର ଲିଟରେଚର୍ ଆଦି ପ୍ରଦର୍ଶନୀର ବ୍ୟବସ୍ଥା ମଧ୍ୟ କରାଯାଇଥାଏ । ପ୍ରାପ୍ତ ରିପୋର୍ଟ ଅନୁଯାୟୀ ୭ହଜାର ୫୪୦ ଟି ପ୍ରଦର୍ଶନୀ ମାଧ୍ୟମରେ ୩ଲକ୍ଷ ୪୩ ହଜାରରୁ ଉର୍ଦ୍ଧ ବ୍ୟକ୍ତିଙ୍କ ନିକଟରେ ବାର୍ତା ପହଂଚାଇ ଦିଆଯାଇଥିଲା । ଚଳିତ ବର୍ଷ ସମଗ୍ର ପୃଥିବୀରେ ୧ହଜାର ୫୮୦ ସଂଖ୍ୟକ ବିଶିଷ୍ଟ ପବିତ୍ର କୁର୍‌ଆନ୍ କରିମ୍ ର ବିଭିନ୍ନ ଅନୁବାଦ ଅତିଥିମାନଙ୍କୁ ଉପହାର ସ୍ୱରୁପ ପ୍ରଦାନ କରାଯାଇଅଛି । ଏହା ବ୍ୟତିତ ପାଂଚ ହଜାରରୁ ଉର୍ଦ୍ଧ ବୁକଷ୍ଟଲ୍ ଓ ପୁସ୍ତକମେଳା ମାଧ୍ୟମରେ ୭ଲକ୍ଷ ୬୪ ହଜାରରୁ ଉର୍ଦ୍ଧ ବ୍ୟକ୍ତିଙ୍କ ନିକଟରେ ଯମାତ ଓ ଇସ୍‌ଲାମ୍‌ର ବାର୍ତା ପହଂଚାଇବାର ସୌଭାଗ୍ୟ ଅର୍ଜନ ହୋଇଛି ।

ଲାଡ଼ଭିଆର ଜଣେ ମୁବଲିଗ୍ ସାହେବ୍ ଉଲ୍ଲେଖ କରନ୍ତି ଯେ ଆମର ବୁକଷ୍ଟଲ୍‌କୁ ଜଣେ ବୟସ୍କ ବ୍ୟକ୍ତି ଆସିଲେ, ଏବଂ ସେ ଆମକୁ ବୁକଷ୍ଟଲ୍ ଭିତରକୁ ଆସି ସେଠାରେ ରୋଲ୍ ଚିତ୍ର ମାଧ୍ୟମରେ ଚିତ୍ର ପ୍ରଦର୍ଶିତ ହେଉଥିଲା । ଯେଉଁ ଚିତ୍ରରେ ବିଭିନ୍ନ ପ୍ରକାର ଇସ୍‌ଲାମୀୟ ଉପଦେଶ ମାନ ଲେଖାଯାଇଥିଲା । ଯାହାକୁ ଦେଖି ମୁଁ ପଢ଼ିଯାଇଥିଲି । ଅର୍ଥାତ ସେହି ରୋଲ୍‌ଟି ସ୍କ୍ରଲ ପରିଚାଳିତ ହୋଇଥିଲା । ସେ ପ୍ରତ୍ୟେକ କଥାରେ ଇଙ୍ଗିତ କରି କହିବାକୁ ଲାଗିଲେ ଯେ, ରୁଷିଅ ଭାଷାରେ ସେ କଥା କହିଲେ ଯେ, ଆପଣଙ୍କ ଉପେଦଶଗୁଡ଼ିକ ଏକଦମ୍ ଜବରଦସ୍ତ ଓ ବେଶ୍ ସୁନ୍ଦର ଓ ସଠିକ୍ ମଧ୍ୟ । ସେହିପରି ଅନ୍ୟ ଦୁଇଜଣ ମହିଳା ଆସିଲେ, ସେମାନେ ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍ ଓ ଅନ୍ୟ କେତେକ ଅନୁଦିତ ପୁସ୍ତକ ନେଇ ବହୁତ ଉଚ୍ଚ ପ୍ରଶଂସା କଲେ ଯେ, ଆପଣମାନେ ଖୁବ୍ ଭଲ କାମ କରୁଛନ୍ତି ।

୨୦୧୯ ମସିହା ଡ଼ିସେମ୍ବର ମାସରେ ଏକ ପୁସ୍ତକମେଳା ନୂରୁଲ୍ ଇସ୍‌ଲାମ୍

## ହଦିସ୍ ନବଭି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

**ତାଲିବେ ଦୁଆ:** *Majlis Lajna Imaillah,*
*Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb,*
*Jamat Ahmadiyya, Kerang (Odisha)*

ଭାରତ ତରଫରୁ ଆୟୋଜନ କରାଯାଇଥିଲା । ସେଠାକୁ ଜେହ୍‌ରିଆ ନାମକ ବହୁତ ବଡ଼ ହିନ୍ଦୁ ବିଦ୍ୱାନ ଆସିଲେ, ସେ ଧର୍ମ ସଂକ୍ରାନ୍ତରେ ବହୁତ ଗଭୀର ଜ୍ଞାନର ଅଧିକାରି ଥିଲେ, ସେ ସ୍କୁଲ୍ ମଧ୍ୟ ପରିଚାଳନ କରୁଥିଲେ । ସେ ଆମ ଷ୍ଟଲ୍ ଆଗରେ ଆସି ଛିଡ଼ା ହେଲେ ଏବଂ କିଛି ସମୟ ପରେ କୁର୍‌ଆନ୍ କରିମ୍ ଉପରେ ଆପତି କରିବା ଆରମ୍ଭ କରିଦେଲେ । ସେ କହିଲେ ଯେ କୁରାନେ କରିମ୍ ଇସ୍‌ଲାମ୍ ଓ ମୁସଲମାନମାନଙ୍କ ବ୍ୟତିତ ଅନ୍ୟ ସମସ୍ତ ଲୋକମାନଙ୍କୁ ହତ୍ୟା କରିବାର ଆଦେଶ ଦେଉଛି । ଯେତେବେଳେ ତାଙ୍କୁ ଏହା କୁହାଗଲା ଯେ, ଆପଣଙ୍କ ଆଗରେ ପବିତ୍ର କୁର୍‌ଆନ୍ ଅଛି, ଏମିତି କିଛି ସ୍ଥାନରେ ଏଭଳି ଆଦେଶର ଉଲ୍ଲେଖ ରହିଛି ଆପଣ କାଢ଼ି ଦେଖାଇ ଦିଅନ୍ତୁ । ପ୍ରତି ଉତରରେ ସେ କହିଲେ ଯେ, ମୁଁ ସମ୍ପୁର୍ଣ୍ଣ କୁର୍‌ଆନ୍ ପଢ଼ିଛି କିନ୍ତୁ ବର୍ତମାନ ମୋର ମନେ ନାହିଁ କି କେଉଁଠି ଏପରି ଆଦେଶ ଉଲ୍ଲେଖ ରହିଛି, ସୁତରାଂ ତାଙ୍କ ଆଗରେ ପବିତ୍ର କୁର୍‌ଆନ୍ କରିମ୍‌ର ଶିକ୍ଷା ଏବଂ ଅନ୍ୟ ଲୋକମାନଙ୍କ ସହିତ ସଦ୍‌ବ୍ୟବହାର ପ୍ରଦର୍ଶନ କରିବାର ଶିକ୍ଷା ଉପସ୍ଥାପିତ କରାଗଲା । କିଛି କ୍ଷଣ ପରେ ସେ କହିଲେ, ମୁଁ ଆପଣଙ୍କ ଷ୍ଟଲ ଭିତରେ ବସି ଇସ୍‌ଲାମ୍ ଓ କୁର୍‌ଆନ୍ ବିଷୟରେ ଅଧିକ ଜ୍ଞାନ ଅହୋରଣ କରିବାକୁ ଚାହେଁ । ସୁତରାଂ ମହୋଦୟଙ୍କର ପଚରାଉଚରା ଅର୍ଥାତ ତାଙ୍କର ଯେଉଁ ପ୍ରଶ୍ନ ରହିଥିଲା, ତାହାର ପ୍ରଶ୍ନର ସାନ୍ତ୍ୱନାମୁଳକ ଉତର ଦିଆଗଲା । ଏହାର ପ୍ରତିକ୍ରିୟା ସ୍ୱରୁପ ନିଃସଙ୍କୋଚ ଭାବରେ କହିବାକୁ ଲାଗିଲେ ଯେ, ମୁଁ ଆଜି ପର୍ଯ୍ୟନ୍ତ ଏପରି ସାନ୍ତ୍ୱନାମୁଳକ ଉତର କାହାରିଠାରୁ ଶୁଣିନାହିଁ । ମୁଁ ଇସ୍‌ଲାମ୍ ସମ୍ବନ୍ଧରେ ଜ୍ଞାନ ଆହୋରଣ ପାଇଁ ଅସଂଖ୍ୟ ବିଦ୍ୱାନ ମଣିଷଙ୍କ ନିକଟକୁ ଯାଇଛି । ଦୁଆର ଦୁଆର ଘୁରି ବୁଲିଛି, କିନ୍ତୁ କେହି ଜଣେ ହେଲେ ମଧ୍ୟ ମୋ ପ୍ରଶ୍ନର ଏଭଳି ସାନ୍ତ୍ୱନାମୁଳକ ଉତର ଦେଇପାରିନାହାନ୍ତି । ଯେଭିଳ ଆପଣମାନେ ପ୍ରଦାନ କରିଛନ୍ତି । ସେମାନେ ମତେ ଯେଉଁ ଉତର ଦେଇଥିଲେ ତାହା ମୋ ମନ ଭିତରେ ଇସ୍‌ଲାମ୍ ଓ କୁର୍‌ଆନ୍ ପ୍ରତି ସହାନୁଭୁତି ପରିବର୍ତେ ବିଦ୍ୱେଷଭାବ ଓ ବିଷ ଭରି ଦେଇଥିଲା ଏବଂ ମୋ ଭିତରେ ଏତେ ବିଷ ଭରିଦିଆଯାଇଥିଲା କି ମୁଁ ପରିଶେଷରେ ଏହି ନିଷ୍ପତି ନେଇଥିଲି ଓ ମୋ ବନ୍ଧୁମାନଙ୍କ ସହିତ ଏହି ନିଷ୍ପତି ନେଇଥିଲି କି ଇସ୍‌ଲାମ୍ ବିରୋଧରେ ଏକ ଟିଭି ଚ୍ୟାନେଲ ଚଳାଇବା । ସୁତରାଂ ଆମେମାନେ ଏ ସକ୍ରାନ୍ତରେ କିଛି କାର୍ଯ୍ୟକ୍ରମ ଓ ରେକଡ଼ିଙ୍ଗ ମଧ୍ୟ ପ୍ରସ୍ତୁତ କରିଥିଲୁ କିନ୍ତୁ ବର୍ତମାନ ଆପଣମାନେ ମୋର ମନକୁ ହିଁ ସମ୍ପୁର୍ଣ୍ଣରୂପେ ପରିବର୍ତନ କରିଦେଇଛନ୍ତି । ମହାଶୟ ବହୂତ ପ୍ରଭାବିତ ହେଲେ ଏବଂ ଯାଉ ଯାଉ ଏହି ପ୍ରତିଶୃତି ଦେଇଗଲେ ଯେ ମୁଁ ଆଜିଠାରୁ ଇସ୍‌ଲାମ୍ ଓ କୁର୍‌ଆନ୍ କରିମ୍ ବିରୁଦ୍ଧରେ କେବେହେଲେ କିଛି ବିରୋଧ ପ୍ରଦର୍ଶନ କରିବି ନାହିଁ ଓ ଇସ୍‌ଲାମ୍ ଓ କୁର୍‌ଆନ୍ ବିପକ୍ଷରେ ଯାହା କିଛି ବି କାର୍ଯ୍ୟକ୍ରମ ରେକର୍ଡ଼ିଙ୍ଗ କରିଛି ତାହାକୁ ମୁଁ ପ୍ରସାରଣ କରିବିନାହିଁ । ବରଂ ଇସ୍‌ଲାମ୍ ଓ ତାହାର ଶିକ୍ଷା ଉପସ୍ଥାପନ କରିବି । ଏହିଭଳି ପ୍ରକୃତ ଛବିକୁ ଦେଖାଇ ଯମାତ୍ ଅହେମଦୀୟା ଶତୃଙ୍କ ହୃଦୟକୁ ବଦଳାଇ ଦେଉଛି ।

ହଜୁର ସ:ଆ:ସଙ୍କ ମର୍ଯ୍ୟାଦା ଓ ଆଦର୍ଶର ପ୍ରକୃତ ବୌଦ୍ଧିକତା ଯମାତ୍ ଅହେମଦୀୟା ଶତୃମାନଙ୍କୁ ଦେଇପାରିଛି ଏବଂ ଏହି ନାମକୁ ମାତ୍ର ବିଦ୍ୱାନ ମଣିଷମାନେ ଯେଉଁମାନେ ଇସ୍‌ଲାମ୍‌ର ଠିକାଦାର ବୋଲାଉଛନ୍ତି ଏମାନେ ଅନ୍ୟମାନଙ୍କୁ ଇସ୍‌ଲାମ୍ ଓ ପବିତ୍ର କୁର୍‌ଆନ୍ କରିମ୍‌ରୁ ବିମୁଖ କରୁଛନ୍ତି ଏବଂ ପୁନଶ୍ଚ ଆମ ବିରୁଦ୍ଧରେ ଏହି ବିରୋଧିମାନେ ଲୋକମାନଙ୍କୁ ପ୍ରବର୍ତାଉଛନ୍ତି ।

ଆଗ୍ରାର ପୁସ୍ତକମେଳା ଅବସରରେ ଆଂଚଳିକ ଖବରକାଗଜ ଓ ଗଣମାଧ୍ୟମର ସାମ୍ବାଦିକ ତଥା ପ୍ରତିନିଧିମାନେ ଆମର ଷ୍ଟଲ୍‌କୁ ଆସିଲେ ଏବଂ ସେମାନଙ୍କ ସହିତ ବାର୍ତାଳାପ ମଧ୍ୟ ହେଲା । ସାମ୍ବାଦିକମାନେ ନିର୍ଭିକରୂପେ ଇସ୍‌ଲାମ୍ ସମ୍ପ୍ରଦାୟର ଦୁରାବସ୍ଥା ସମ୍ପର୍କରେ ନିଜର ମତାମତ ପ୍ରକାଶ କଲେ । ପ୍ରତିଉତରରେ ଯେତେବେଳେ ତାଙ୍କୁ ଯମାତ୍ ଅହେମଦୀୟା ତରଫରୁ କଲ୍ୟାଣମୁଳକ ଇସ୍‌ଲାମୀୟ ସେବା ସତ୍କାର ସମ୍ପର୍କରେ ଅବଗତ କରାଗଲା । ସେତେବେଳେ ସେ ବହୁତ ପ୍ରଭାବିତ ହେଲେ ଏବଂ ଉକ୍ତ କାର୍ଯ୍ୟରେ ଆମର ପ୍ରତ୍ୟେକ ପ୍ରକାର ସାହାଯ୍ୟ ସହଯୋଗ ପାଇଁ ପ୍ରତିଶୃତି ମଧ୍ୟ ଦେଲେ । ମହୋଦୟ ନିଜର ଯୋଗାଯୋଗ ମାଧ୍ୟମରେ ଆମର ବାର୍ତାକୁ ଦୁଇ ତିନୋଟି ଚ୍ୟାନେଲରେ ପ୍ରସାରଣ ମଧ୍ୟ କଲେ । ଯଦ୍ୱାରା ଲକ୍ଷାଧିକ ଲୋକମାନଙ୍କ ନିକଟରେ ଯମାତ୍ ଅହେମଦୀୟାର ବାର୍ତା ପହଂଚିପାରିଛି ।

ଆସାମର ପୁସ୍ତକମେଳାରେ ଚୌଧୁରି ଅଫ୍‌ତାବ୍ ଅହେମଦ୍ ସାହେବ ଜଣେ ପି.ଏଚ୍.ଡ଼ି ପ୍ରାପ୍ତ ଗବେଷକ ଓ ପବିତ୍ର କୋରାନ୍‌କୁ କଣ୍ଠସ୍ଥ କରିଥିବା ବ୍ୟକ୍ତି, ଯେତେବେଳେ ତାଙ୍କୁ ଯମାତ୍ ଅହେମଦୀୟରେ ପରିଚୟ କରାଗଲା ଅର୍ଥାତ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଅବଗତ କରାଗଲା । ତାଙ୍କ ସହିତ ପୁଙ୍ଖାନୁପୁଙ୍ଖ ବିସ୍ତୃତ ଆଲୋଚନା ମଧ୍ୟ କରାଗଲା । ବାର୍ତାଳାପ ସମୟରେ ତାଙ୍କୁ ହଜ୍‌ରତ୍ ଇଶା ଆ:ସଙ୍କ ବିୟୋଗ ସମ୍ପର୍କରେ ଯମାତ୍‌ର ଯେଉଁ ଆସ୍ଥା ରହିଛି ତାହା ସହିତ ତାଙ୍କର ପରିଚୟ କରାଗଲା ଏବଂ ପବିତ୍ର କୋରାନ୍ ମଜିଦ୍‌ରୁ ହିଁ ହଜ୍‌ରତ୍ ଇଶା ଆ:ସଙ୍କ ମୃତ୍ୟୁ ସମ୍ପର୍କରେ ପ୍ରମାଣ ଉପସ୍ଥାପନ କରାଗଲା । ସେତେବେଳେ ସେ ପ୍ରତି ଉତରରେ କହିଲେ ଯେ ନିଃସନ୍ଦେହରେ କହିବାକୁ ଗଲେ ମୁଁ ଜଣେ ହାଫିଜ୍ କିନ୍ତୁ ମୁଁ ଏ ଦିଗରେ କେବେ ହେଲେ ଚିନ୍ତା କରିନଥିଲି । ଆପଣମାନେ ଆଜି ମୋର ଆଖି ଖୋଲିଦେଇଛନ୍ତି । ମୁଁ ଖବର କାଗଜରେ ମଧ୍ୟ ଆଲେଖ୍ୟ ଦେଇଥାଏ । ତେବେ ଆସାମର ସମସ୍ତ ମୁସଲମାନମାନେ ମୋର ବିରୋଧି ହୋଇଯାଆନ୍ତୁ ନା କାହିଁକି ବର୍ତମାନ ମୁଁ ଇନ୍‌ଶାଅଲ୍ଲାଃ ତାଲା ଏ ସମସ୍ତ ଆୟତର ପ୍ରମାଣ ସହିତ ଖବର କାଗଜରେ ପ୍ରକାଶ କରିବି ଏବଂ ଇଶା ଆ:ସଙ୍କ ମୃତ୍ୟୁକୁ ସାବ୍ୟସ୍ତ କରିବି ।

ସୁଇଜରଲ୍ୟାଣ୍ଡର ପିସ୍ ସିମ୍ପୋଜିୟମ ଅବସରରେ ଏକ ସ୍ୱେଚ୍ଛାସେବୀ ସଂଘଠନର ସଭାପତି ମିସେଲ୍ ଫିସିଲ୍ ନାମକ ଜଣେ ପାଦ୍ରୀ ସାହେବ କହିଲେ, ଯମାତ୍ ଅହେମଦୀୟା ତାଙ୍କୁ ଏକ ଆୱାଡ଼ ପ୍ରଦାନ କରିଛି, ମୁଁ ଯମାତ୍ ଅହେମଦୀୟାର ଏହି ଆୱାର୍ଡ଼କୁ ନେଇ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି, ମୁଁ ସ୍ତମ୍ଭିଭୁତ ଯେ ଜଣେ ମୁସଲମାନ ସମ୍ପ୍ରଦାୟ ଏକ ଖ୍ରୀଷ୍ଟିୟାନ ସଂଘଠନକୁ କଲ୍ୟାଣମୁଳକ ସେବା ସତ୍କାର ପାଇଁ ପୁରସ୍କାର ଏବଂ ସମ୍ବର୍ଦ୍ଧିତ କରୁଅଛି । ତେଣୁ ଉକ୍ତ ପୁରସ୍କାର ହେଉଛି ଏକ ସ୍ୱର୍ଗତୁକ୍ତିର ଜୀବନ୍ତ ପ୍ରମାଣ ଆପଣମାନେ କେବଳ ଶାନ୍ତିର କଥା କୁହନ୍ତି ନାହିଁ ବରଂ ଶାନ୍ତି ସ୍ଥାପନ ଦିଗରେ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ତେଣୁ ବୃକ୍ଷ ନିଜ ପୁଷ୍ପ ଦ୍ୱାରା ଚିହ୍ନିତ ହୋଇଥାଏ । ସେହି ବୃକ୍ଷର ଫଳ ହେଉଛି ଆପଣମାନଙ୍କର ପିସ୍ ସିମ୍ପୋଜିୟମ୍ ।

ପୁନଶ୍ଚ ଗାମ୍ବିୟାର ମୁବଲିଗ୍ ଇନ୍‌ଚାର୍ଜ ସାହେବ ଉଲ୍ଲେଖ କରନ୍ତି ଯେ, ପିସ୍ ସିମ୍ପୋଜିୟମ୍‌ରେ ବିଭିନ୍ନ ବିଭାଗର ଜୀବନ ସହିତ ଜଡ଼ିତ ବ୍ୟକ୍ତିମାନେ ସାମିଲ ହୋଇଥିଲେ । ତନ୍ମଧ୍ୟରୁ ପୋଲିସ ଅଫିସର, ଲୋକାଲ ବିଚାରପତି, ବିଭିନ୍ନ ଗିର୍ଜାର ପାଦ୍ରୀ ଏବଂ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ସେହିପରି ସ୍କୁଲ୍‌ର ଶିକ୍ଷକମାନେ ଓ ଆଚଂଳିକ ଗଣମାଧ୍ୟମର ପ୍ରତିନିଧି, ଲୋକସଭାର ସାସଂଦ ସଦସ୍ୟ ପ୍ରତିନିଧିମାନେ ମଧ୍ୟ ନିକଟ ମସ୍‌ଜିଦ୍‌ର ଅଣଅହେମଦୀ ମୁବଲିଗ୍‌ମାନେ ମଧ୍ୟ ସାମିଲ ଥିଲେ । ସୁତରାଂ ଏକ ଗିର୍ଜାର ପାଦ୍ରୀ ସାହେବ ନିଜ ଚିନ୍ତାଧାରା ପରିପ୍ରକାଶ କରି କହିଲେ । ଆମେମାନେ ଦୀର୍ଘଦିନ ହେଲା ଏପରି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଚାହୁଁଥିଲୁ କିନ୍ତୁ ଯମାତ୍ ଅହେମଦୀୟା ଉକ୍ତ କାର୍ଯ୍ୟକ୍ରମ କରି ଆମଠାରୁ ଆଗକୁ ବଢ଼ିଯାଇଛି ।

ଚଣ୍ଡୀଗଡ଼ରେ ଏକ ପ୍ରେସ ପିସ୍ ସିମ୍ପୋଜିୟମ୍‌ର ଆୟୋଜନ ହେଲା, ଉବେଦୁଲ୍ଲାଃ ନାମକ ଜଣେ ଆଫଗାନି ବନ୍ଧୁଙ୍କୁ ଯମାତ୍ ଅହେମଦୀୟା ସହ ପରିଚୟ କରାଗଲା । ତାଙ୍କୁ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସମ୍ପର୍କରେ ଅବଗତ କରାଗଲା । ହଜ୍‌ରତ୍ ମସିହ ମଉଦ୍ ଆ:ସ ସେହି ମସିହ ଓ ମେହେଦୀ ହେବାର ଦାବି କରିଛନ୍ତି ବୋଲି ତାଙ୍କୁ କୁହାଗଲା । ଯାହାର ସୁସମାଚାର ଆଁ ହଜ୍‌ରତ୍ ସ:ଆ:ସ ଦେଇଛନ୍ତି । ସୁତରାଂ ଯେତେବେଳେ ଏହି ଆଫଗାନି ବନ୍ଧୁଙ୍କୁ କୁହାଗଲା ଯେ ଆପଣ ଚିନ୍ତା କରନ୍ତୁ ଏବଂ ବର୍ତମାନର ପରିସ୍ଥିତିକୁ ଅନୁଧ୍ୟାନ କରି ଦେଖନ୍ତୁ ଯେ କଣ ଏ ସମୟଟି ମସିହ ଓ ମେହେଦୀଙ୍କ ଆଗମନର ସମୟ ନୁହେଁ । ସେତେବେଳେ ତାଙ୍କ ମୁଖମଣ୍ଡଳ ରକ୍ତବର୍ଣ୍ଣ ପାଲଟିଯାଇଥିଲା । ସେ ପ୍ରକମ୍ପିତ ହୋଇଉଠିଲେ ଏବଂ ବାରମ୍ବାର ଏହା କହିଲେ, କଣ ଏହା ସତ୍ୟ କଥା ଯେ ମସିହ ମଉଦ୍ ଆସିଯାଇଛନ୍ତି ? ଏହାପରେ ଯେତେବେଳେ ତାଙ୍କୁ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ବାକ୍ୟରେ ହଜୁର ସ:ଆ:ସଙ୍କ ଭବ୍ୟତା ଓ ମହାନତା ସମ୍ପର୍କରେ କୁହାଗଲା, ସେତେବେଳେ ସେ ବହୁତ ଭାବୁକ ହୋଇପଡ଼ିଲେ ଏବଂ କହିଲେ ଆମର ଅହେମଦୀ ବନ୍ଧୁଙ୍କ ମଥାକୁ ଚୁମ୍ବନ କରି କହିଲେ, ଯେ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ଏହା ହିଁ ଯାହା ଆପଣମାନେ ସମଗ୍ର ସଂସାରରେ ଉପସ୍ଥାପନ କରୁଛନ୍ତି ।

ଫିନ୍‌ଲ୍ୟାଣ୍ଡରୁ ନ୍ୟାସନାଲ୍ ସଦର୍ ସାହେବ୍ ମହୋଦୟ ଉଲ୍ଲେଖ କରନ୍ତି ଯେ, ଆମେ ସେଠାରେ ଏକ ପିସ୍ ସିମ୍ପୋଜିୟମ୍‌ର ଆୟୋଜନ କରିଥିଲୁ, ସେଠାରେ ବୈଦେଶିକ ମନ୍ତ୍ରଣାଳୟର ରାଜଦୂତ ଏବଂ ଗଣତାନ୍ତ୍ରିକ ପ୍ରତିନିଧି ଯିଏ କି ପାକିସ୍ତାନରେ ଫିନଲ୍ୟାଣ୍ଡର ରାଷ୍ଟ୍ରଦୁତ ଭାବରେ ଦାୟିତ୍ୱ ବହନ କରୁଛନ୍ତି ସେ ଆସିଥିଲେ, ସେ କୁହନ୍ତି ମତେ ଆପଣଙ୍କର ଆୟୋଜନ ଦେଖି ଓ ସେଥିରେ ଅଂଶ ଗ୍ରହଣ କରି ବେଶ୍ ଆନନ୍ଦ ଅନୁଭବ ହୋଇଛି । ମୁଁ ପାକିସ୍ତାନର ଇସ୍‌ଲାମାବାଦ୍‌ରେ ୧୯୯୫ ରୁ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

‘‘ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ’’

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

୧୯୯୮ ମସିହା ପର୍ଯ୍ୟନ୍ତ ରହିଛି । ଫିନ୍ସ ରାଷ୍ଟ୍ରଦୁତ କାର୍ଯ୍ୟାଳୟରେ ଅଧକ୍ଷ ଥିଲି । ସେ ଅବଧି ମଧ୍ୟରେ ମୋର ସ୍ମୃତିପଟଳରେ ଭବ୍ୟ ସ୍ମୃତି ଜଡ଼ିତ ହୋଇ ରହିଛି । ସେହିପରି ମୋର ବଂଶର ନିକଟବର୍ତୀ ବନ୍ଧୁମାନଙ୍କ ମଧ୍ୟରେ ଅହେମଦୀୟା ସମୁଦାୟର ଅନେକ ଗଣମାନ୍ୟ ବ୍ୟକ୍ତିମାନେ ମଧ୍ୟ ଅନ୍ତର୍ଭୁକ୍ତ ରହିଛନ୍ତି । ଅହେମଦୀମାନେ ସେହି ଦେଶ ପାଇଁ ଓ ତା'ର ସୀମାର ସୁରକ୍ଷାଠାରୁ ବଳି ଜ୍ଞାନ ଓ ପ୍ରଜୁକ୍ତିବିଦ୍ୟା, ସାମାଜିକ ସଫଳତା ତଥା କଲ୍ୟାଣପାଇଁ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି । ଯେତେବେଳେ ବ୍ରିଟିଶମାନେ ଭାରତ ଓ ପାକିସ୍ତାନ ଉପରେ ଶାସନ କଲେ ସେତେବେଳେ ସେହି ଇଙ୍ଗ୍ରେଜ ଶାସନର ଅନେକ ଗଣମାନ୍ୟ ସହରି ବ୍ୟକ୍ତି ଓ ସୈନିକ ବ୍ୟକ୍ତିମାନେ ଅହେମଦୀୟା ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତ ଥିଲେ । ପୁନଶ୍ଚ ସେ କହିଲେ ଯେ ମୁଁ ଇଟାଲୀରେ ମଧ୍ୟ ରାଷ୍ଟ୍ରଦୁତ ଭାବେ କାର୍ଯ୍ୟ ନିର୍ବାହ କରିଛି । ଟ୍ରେସଟ୍‌ସ୍ଥିତ ବିଜ୍ଞାନକେନ୍ଦ୍ରର ଆର୍ନ୍ତଜାତିକ ଏକାଡ଼େମିରେ ତାଙ୍କ ସହିତ ମୋର ପରିଚିତ ହୋଇଥିଲା ଯାହାର ଆରମ୍ଭ ଓ ଯାହାର ଭିତିଭୂମି ପାକିସ୍ତାନିୟ ଅଭିଜ୍ଞ ବୈଜ୍ଞାନିକ ପ୍ରଫେସର ଡ଼ାଃ ଅବ୍‌ଦୁସ୍ ସଲାମ ସାହେବ ସ୍ଥାପନ କରିଥିଲେ ସେ ଇସ୍‌ଲାମିୟ ଜଗତର ସର୍ବପ୍ରଥମ ମୁସଲମାନ ବୈଜ୍ଞାନିକ ଭାବରେ ପରିଚିତ । ସେ କୁହନ୍ତି, ଯେତେବେଳେ ପ୍ରଫେସର ଡ଼ାଃ ଅବ୍‌ଦୁସ୍ ସଲାମ୍ ସାହେବଙ୍କୁ ନୋବେଲ ପୁରସ୍କାର ମିଳିଲା, ସେତେବେଳେ ପାକିସ୍ତାନ ଖବରକାଗଜ ରେଡ଼ିଓ, ଟିଭିରେ ତାଙ୍କୁ ଭୁରି ଭୁରି ପ୍ରଶଂସା କରାଯାଇଥିଲା । କିନ୍ତୁ ଖୁବ ଶିଘ୍ର ଯେତେବେଳେ ଏହା ଜଣାପଡ଼ିଲା ଯେ, ସେ ଜଣେ ଅହେମଦୀ ମତବାଦୀ ସେତେବେଳେ ସମସ୍ତ ପ୍ରଶଂସା ଓ ଖ୍ୟାତି ବ୍ୟାହତ ହୋଇଯାଇଥିଲା । ପୁନଶ୍ଚ ସେ କୁହନ୍ତି ଯେ ୧୯୯୬ ମସିହାରେ ଯେତେବେଳେ ଅବ୍‌ଦୁସ୍ ସଲାମ୍ ସାହେବଙ୍କର ଦେହାନ୍ତ ହେଲା । ସେତେବେଳେ ତାଙ୍କୁ ପାକିସ୍ତାନି ଦେଶର ପଞ୍ଜାବର ରବ୍‌ୱା ସ୍ଥାନରେ କବର ଦିଆଯାଇଥିଲା ଏବଂ ଆଉ ଏକ ଲଜ୍ୟାଜନକ କଥା ଏହି କି ଯେ, ତାଙ୍କ ଫଳକରୁ ମୁସଲମାନ ଶବ୍ଦକୁ ଲିଭାଇ ଦିଆଯାଇଥିଲା ।

ସେ ଯାହା ହେଉ ନା କାହିଁକି ସେ ସମସ୍ତ ନିର୍ଯ୍ୟାତନା ସମ୍ପର୍କରେ ଚର୍ଚ୍ଚା କଲେ ସେ ଯାହା ହେଉ ଆଜି କାଲି ତ ଇତିହାସର ପୁସ୍ତକରୁ ମଧ୍ୟ ଏସବୁ ଜିନିଷକୁ ପରିବର୍ତିତ କରାଇ ଦିଆଯାଉଅଛି । ପିଲାମାନଙ୍କ ମନମସ୍ତିଷ୍କରୁ ପ୍ରକୃତ ଇତିହାସକୁ ଲିଭାଇ ଦିଆଯାଉଅଛି । ଆମେ ସେମାନଙ୍କୁ କିଛି କହୁ ବା ନ କହୁ କିନ୍ତୁ ଶିକ୍ଷିତ ଗୋଷ୍ଠୀ ଭଲଭାବରେ ଜାଣନ୍ତି ଯେ, ଯମାତ୍ ଅହେମଦୀୟା ପାକିସ୍ତାନ ପାଇଁ କଣ ବା  ନ କରିଛି ଏବଂ ବର୍ତମାନ ସେମାନଙ୍କ ସହିତ କେଉଁପ୍ରକାର ବ୍ୟବହାର, ଆଚରଣ ଓ ଅତ୍ୟାଚାର କରାଯାଉଅଛି । ଯେଉଁମାନେ ପାକିସ୍ତାନ ଗଠନ ହେବାର ବିରୋଧି ଥିଲେ ଆଜି ସେମାନେ ନିଜେ ନାମକୁ ମାତ୍ର ପାକିସ୍ତାନ ଜାତିର ଜନକ ସାଜିଛନ୍ତି । ସେ ଯାହା ହେଉ ନା କାହିଁକି ପାକିସ୍ତାନୀ ଅହେମଦୀମାନେ ଦେଶର ବିଶ୍ୱସ୍ତ ଥିଲେ, ଅଛନ୍ତି ଏବଂ ଇନ୍‌ଶାଅଲ୍ଲାଃ ତାଲା ଆଗକୁ ମଧ୍ୟ ରହିବେ, ସେହି ବିରୋଧିଙ୍କ ଆକାଂକ୍ଷା ଅପଚେଷ୍ଟା ଦିନେ ନା ଦିନେ ଉଭାନ ହୋଇଯିବ ଇନଶାଅଲ୍ଲାଃ ତାଲା ଆଲ୍ଲାଃ ତାଲାଙ୍କ ସାହାଯ୍ୟ ଆମମାନଙ୍କ ସପକ୍ଷରେ ରହିଛି ଓ ରହିଥିବ । ବର୍ତମାନ ମଧ୍ୟ ଅଲ୍ଲାଃ ତାଲାଙ୍କ ସାହାଯ୍ୟ ସମର୍ଥନ ଆମକୁ ପ୍ରାପ୍ତ ହୋଇଛି । ଏହି ବିରୋଧିମାନେ ଯେତେ ହୀନ ପ୍ରୟାଶ କଲେ ମଧ୍ୟ ଅଲ୍ଲାଃ ତାଲା ଯମାତକୁ ସମ୍ଭାଳି ରଖିଛନ୍ତି ।

ସେ ଯାହା ହେଉ ନା କାହିଁକି ଏହି ରିପୋର୍ଟର ଘଟଣାବଳୀ ଯାହାକୁ ମୁଁ ଆପଣମାନଙ୍କ ଆଗରେ ଶୁଣାଇଲି ତାହା କିଂଚିତ ମାତ୍ର ଯେପରି କି ମୁଁ କହିଛି ଯେ ରିପୋର୍ଟ ଜଲ୍‌ସାର ଦ୍ୱିତୀୟ ଦିବସରେ ବର୍ଣ୍ଣନା କରାଯାଇଥାଏ । ମୁଁ ଏପରି ପୂର୍ବେ ବର୍ଣ୍ଣନା କରିସାରିଛି ଯେ ଚଳିତ ବର୍ଷ ଜଲ୍‌ସା ଆୟୋଜନ ହେବ ନାହିଁ । ମୁଁ ଭାବିଥିଲି ଯେ ଉପରୋକ୍ତ ଘଟଣାକୁ ଦୁଇଟି କିସ୍ତିରେ ଉପସ୍ଥାପନ କରିବି, ସୁତରାଂ ଏ ସଂକ୍ରାନ୍ତରେ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଇନ୍‌ଶାଅଲ୍ଲାଃ ତାଲା ରବିବାର ଦିନ ଅପରାହ୍ନ ଚାରିଘଟିକା ସମୟରେ ଏକ ସଂକ୍ଷିପ୍ତ ଜନସମାଗମରେ ଜଲ୍‌ସା ଶୈଳୀରେ ଅବଶିଷ୍ଟାଂସ ଅଂଶ ଆପଣମାନଙ୍କ ସାମ୍‌ନାରେ ଉପସ୍ଥାପନ କରିବି । ଏଠାରେ ହଲ୍‌ରେ ଏବଂ ସମଗ୍ର ପୃଥିବୀରେ ପରିବ୍ୟାପ୍ତ ଅହେମଦୀମାନେ ତାହା ଶୁଣିନେବେ ଏବଂ ଚଳିତ ବର୍ଷ ସେହି କୃପା ଯାହାକି ଅଲ୍ଲାଃ ତାଲା ଯମାତ୍ ଅମେହଦୀୟାରେ ଅବତୀର୍ଣ୍ଣ କରିଛନ୍ତି ତାହା ହୃଦୟଙ୍ଗମ କରିନେବେ । ସେ ଯାହା ହେଉ ନା କାହିଁକି ଉକ୍ତ ରିପୋର୍ଟ ମଧ୍ୟରୁ ମୁଁ ଅନେକ ବିଶ୍ୱାସବର୍ଦ୍ଧକ ଘଟଣାଗୁଡ଼ିକୁ ବାହାର କରିଦେଇଛି ତେବେ ଏହାର ଅବଶିଷ୍ଟାଂସ ଇନ୍‌ଶାଅଲ୍ଲାଃ ତାଲା ରବିବାର ଦିନ ଉପସ୍ଥାପନ କରିବି ।......................

⌘⌘⌘⌘⌘⌘⌘⌘⌘⌘⌘⌘

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

## ବିବାହ ସମୟରେ ଧର୍ମକୁ ଅଗ୍ରାଧିକାର ଦେବାପାଇଁ ଶିକ୍ଷା ଦିଆଯାଇଅଛି ।

''ହଜ୍‌ରତ୍ ଅବୁ ହୁରୈରାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ କହିଛନ୍ତି । ଗୋଟିଏ ମହିଳାଙ୍କୁ ବିବାହ କରିବା ପାଇଁ ଚାରିଗୋଟି ଆଧାର ହୋଇପାରେ । ତାହାଙ୍କ ଧନ ଯୋଗୁଁ, ତାହାଙ୍କ ବଂଶ ଯୋଗୁଁ, ତାହାଙ୍କ ସୌନ୍ଦର୍ଯ୍ୟ ଯୋଗୁଁ ତଥା ତାହାଙ୍କ ଧର୍ମପରାୟଣତା ଯୋଗୁଁ । କିନ୍ତୁ ତୁମେ ଧର୍ମ ପରାୟଣତାକୁ ଅଗ୍ରାଧିକାର ଦିଅ ଏଥିରେ ଈଶ୍ୱର ତୁମର ମଙ୍ଗଳ କରିବେ ।

***(ବୁଖାରୀ, କିତାବୁଲ୍ ନିକାହ୍)***

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଛନ୍ତି: ''ବାହାଘର ସମୟରେ ଯେଉଁ ପ୍ରଥା ରହିଛି, ତାହା ମଧ୍ୟ ଧର୍ମ ଅଟେ । ସେଥିଯୋଗୁଁ ଆଁ ହଜ୍‌ରତ୍ ସ:ଆ:ସ କହିଥିଲେ ଯେ, ଯେବେ ତୁମେ ବିବାହ କରିବାପାଇଁ ଚିନ୍ତା କରିବ, ସେତେବେଳେ ସବୁ ଜିନିଷ ଉପରେ ସେହି ଝିଅକୁ ଅଗ୍ରାଧିକାର ଦିଅ, ସେହି ବନ୍ଧୁଙ୍କୁ ଦିଅ, ଯାହାଙ୍କ ନିକଟରେ ଅଧିକା ଧର୍ମ ରହିଛି । ତେଣୁ ଏକଥା କହିବା ଠିକ୍ ନୁହେଁ ଯେ ବିଭାଘର କେବଳ ଏକ ହସଖୁସିର ପରିପ୍ରକାଶ ଓ ଆମ ନିଜସ୍ୱ କର୍ମ । ବରଂ ଏହା ଭୁଲ୍ ଧାରଣା ।

ଇସ୍‌ଲାମ୍ ଏକଥା କହିନାହିଁ ଯେ ସଂସାରକୁ ପରିତ୍ୟାଗ କରିଦିଅ ଓ ସମ୍ପୁର୍ଣ୍ଣରୂପେ ଅଲଗା ହୋଇଯାଅ ବୋଲି । କିନ୍ତୁ ଇସ୍‌ଲାମ୍ ଏକଥା ମଧ୍ୟ କହିନାହିଁ ଯେ ସଂସାରରେ ଏତେମାତ୍ରାରେ ମାତିଯାଅ ଯେ ଧର୍ମର ଜ୍ଞାନ ମଧ୍ୟ ନ ରହୁ । ଯଦି ବିଭାଘର କେବଳ କୋଳାହଳ, ଶୋଭାବର୍ଦ୍ଧନ ଏବଂ ଗାଇବା ବଜାଇବା ହୋଇଥାନ୍ତା, ତେବେ ଆଁ ହଜ୍‌ରତ୍ ସ:ଆ:ସ ନିକାହ୍ ଖୁତ୍‌ବାଃରେ ଅଲ୍ଲାଃଙ୍କ ସ୍ତୁତିଗାନରୁ ଆରମ୍ଭ କରିନଥାନ୍ତେ ଏବଂ ପୁଣି ତକ୍‌ୱା (ଧର୍ମପରାୟଣତା) ଗ୍ରହଣ କରିବା ପ୍ରତି ଏତେମାତ୍ରାରେ ଯେଉଁ ଜୋର୍ ଦେଇଛନ୍ତି, ସେଥିପ୍ରତି ଧ୍ୟାନ ଦେଇନଥାନ୍ତେ ବରଂ ବିଭାଘରର ପ୍ରତ୍ୟେକ ଉପଦେଶ ଓ ପ୍ରତ୍ୟେକ ନିର୍ଦ୍ଦେଶର ମୂଳାଧାର ହିଁ ତକ୍‌ୱା ଉପରେ ରଖାଯାଇଅଛି ।''

***(ଖୁତ୍‌ବା ଜୁମା ପ୍ରଦତ ୨୫ ନଭେମ୍ବର ୨୦୦୫)***

**(ନଜାରତ୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)**

## ସଦର ଅଞ୍ଜୁମନ ଅହମଦିୟା ତଜିଇନ୍ (ସୌନ୍ଦର୍ଯ୍ୟକରଣ) ବିଭାଗରେ ସେବା କରିବାକୁ ଇଚ୍ଛୁକ ବ୍ୟକ୍ତି ଧ୍ୟାନ ଦିଅନ୍ତୁ ।

ତଜିଇନ୍ ବିଭାଗ କାଦିଆନ୍‌ରେ ମଞ୍ଜୁର ହୋଇଥିବା ନୁଆ ଆମେରିକାନ୍ ବେସ୍‌ଡ଼ ଗ୍ରାସ କଟର୍ ମେଶିନ୍ ନିମନ୍ତେ ଡ୍ରାଇଭର ପଦବି ପୂରଣ ହେବାର ଅଛି । ଯେଉଁ ବ୍ୟକ୍ତି ଡ୍ରାଇଭର ଭାବେ ଏହି ସେବାକାର୍ଯ୍ୟ କରିବାକୁ ଇଚ୍ଛା ରଖିଛନ୍ତି ସେ ନିଜର ଦରଖାସ୍ତ ଦୁଇ ମାସ ଭିତରେ ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହ୍‌ମଦିୟା ନିକଟକୁ ପଠାଇପାରିବେ ।

**ସର୍ତାବଳୀ:**

(୧) ପ୍ରାର୍ଥୀଙ୍କ ନିକଟରେ ଡ୍ରାଇଭିଂ ଲାଇସେନ୍ସ ଏବଂ ଡ୍ରାଇଭିଂର ଅଭିଜ୍ଞତା ଥିବା ଜରୁରୀ (୨) ପ୍ରାର୍ଥୀ ଅଳ୍ପବହୁତ ଟେକ୍‌ନିକାଲ୍ କାମ ମଧ୍ୟ ଜାଣିଥିବେ । ଯଦ୍ୱାରା ଆବଶ୍ୟକସ୍ଥଳେ ଏହି କଟର୍ ମେଶିନ୍‌ର ମରାମତି ମଧ୍ୟ କରିପାରିବେ । (୩) ପ୍ରାର୍ଥୀ ଟ୍ରାକଟ୍‌ର ଟ୍ରଲି ଚଳାଇବା ଜାଣିଥିବେ (୪) ପ୍ରାର୍ଥୀ ଆଜ୍ଞାକାରୀ ହୋଇଥିବେ  ଓ ଆବଶ୍ୟକ ପଡ଼ିଲେ ଅଧିକା କାମ କରିବାକୁ ପ୍ରସ୍ତୁତ ଥିବେ (୫) ପ୍ରାର୍ଥୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତାର କୌଣସି ସର୍ତ ନାହିଁ (୬) ପ୍ରାର୍ଥୀଙ୍କୁ ଜନ୍ମ ପ୍ରମାଣପତ୍ର ଦେବା ଅନିବାର୍ଯ୍ୟ (୭) ସେହି ପ୍ରାର୍ଥୀଙ୍କୁ ଚୟନ କରାଯିବ ଯିଏ ପ୍ରାର୍ଥୀ ଚୟନ ବୋର୍ଡ଼ର ଇଂଟରଭ୍ୟୁରେ ଉତୀର୍ଣ୍ଣ ହେବେ (୮) ଏବଂ ଯିଏ ନୂର ହସ୍ପିଟାଲ୍ କାଦିଆନ୍ ଦ୍ୱାରା ପ୍ରଦତ ମେଡ଼ିକାଲ୍ ଫିଟ୍‌ନେସ୍ ସାର୍ଟିଫିକେଟ ମୁତାବକ ସ୍ୱାସ୍ଥ୍ୟବାନ ବିବେଚିତ ହେବେ (୯) ଏହି ଡ୍ରାଇଭର ପଦବୀ ପାଇଁ ପ୍ରାର୍ଥୀଙ୍କୁ ଦ୍ୱିତୀୟ ଶ୍ରେଣୀ କର୍ମଚାରୀ ସମ ଆଲାଉନ୍ସ ଓ ଅନ୍ୟାନ୍ୟ ସୁବିଧା ଦିଆଯିବ (୧୦) କାଦିଆନ୍ ଯାତାୟାତର ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ (୧୧) ଯଦି ପ୍ରାର୍ଥୀଙ୍କର ଚୟନ ହୁଏ ତେବେ କାଦିଆନ୍‌ରେ ରହିବାର ବ୍ୟବସ୍ଥା ପ୍ରାର୍ଥୀ ନିଜେ କରିବେ ।

***Note-*** ଏଥିପାଇଁ ଦରଖାସ୍ତ ଫର୍ମ ନଜାରତ୍ ଦିଓ୍ୱାନ୍ ସଦର ଅଞ୍ଜୁମନ ଅହମଦିୟା କାଦିଆନ୍‌ରୁ ହାସଲ କରିପାରିବେ । ଦରଖାସ୍ତ ଫର୍ମ ସଠିକ୍ ଭାବେ ପୂରଣ ହୋଇ ହସ୍ତଗତ ହେଲେ ତା ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ।

***(ନାଜିର୍ ଦିଓ୍ୱାନ୍ କାଦିଆନ୍)***

**ଅଧିକ ଜାଣିବାପାଇଁ ଯୋଗାଯୋଗ କରନ୍ତୁ**

**(Ph) 01872-501130 (Mob) 9877138347, 9646351280**

**email: diwan@qadian.in**

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**
Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
**Postal Reg. No.GDP-40/2020-2022 Vol.5 Thursday 17 Sep 2020 Issue No. 38**

**MANAGER**
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

**୩୦ ସେପ୍ଟେମ୍ବର ୨୦୧୯ (ସୋମବାର)ବଳକାଅଂଶ ନ୍ୟାସନାଲ ମଜ୍‌ଲିସ୍ ଆମେଲା ଖୁଦାମୁଲ୍ ଅହେମଦୀୟା ହଲାଣ୍ଡର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ହୋଇଥିବା ମିଟିଙ୍ଗର ବଳକାଅଂଶ**

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଯଦି ଆପଣ କାହା ଘରକୁ ଯାଇଛନ୍ତି ଓ ସେଠାରେ ଖତମ୍ (ଏକ ପ୍ରକାରର କୁପ୍ରଥା) ର ଖାଦ୍ୟ ପ୍ରସ୍ତୁତ କରାଯାଇଅଛି ତେବେ ଆପଣମାନେ ସେହି ଖତମ୍‌ରେ ସାମିଲ ତ ହୁଅନ୍ତୁ ନାହିଁ କିନ୍ତୁ ସେଠାରେ ଯେଉଁ ଖାଦ୍ୟ ପ୍ରସ୍ତୁତ କରାଯାଇଅଛି ତାହାକୁ କେବଳ ଖାଦ୍ୟ ବୋଲି ଭାବି ଖାଇନିଅନ୍ତୁ ।

ଚାନ୍ଦା ବାବଦରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଏ ନିର୍ଦ୍ଦେଶ ଅଛି କି, ଚାନ୍ଦା କେବଳ ପବିତ୍ର ମାଲ୍‌ରୁ ଦିଅନ୍ତୁ । ଚାନ୍ଦା କୌଣସି ଟ୍ୟାକ୍ସ ନୁହେଁ ବରଂ ଏହା ଏକ ମାଲି କୁର୍ବାନି (ଆର୍ଥିକ ବଳିଦାନ) ଯାହା ଖୁଦାଙ୍କ ପ୍ରସନ୍ନତା ନିମନ୍ତେ କରାଯାଇଥାଏ ଏବଂ ଏହା ଏଥିଯୋଗୁଁ କରାଯାଇଥାଏ ଯେ, ଏହା ଦ୍ୱାରା ତୁମ ଧନସମ୍ପତିରେ ବର୍‌କତ୍ ହେବ । ଯେଉଁ ଧନକୁ ଭୁଲ୍ ଉପାୟରେ ଉପାର୍ଜନ କରାଯାଏ ବା ଅନୁଚିତ ଉପାୟରେ ହାସଲ କରାଯାଏ ସେ ଚାନ୍ଦାକୁ ନେବ ନାହିଁ ।

ନ୍ୟାସନାଲ୍ ମଜ୍‌ଲିସ୍ ଆମେଲା ଖୁଦାମୁଲ୍ ଅହେମଦୀୟାର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ହୋଇଥିବା ଏହି ସାକ୍ଷାତକାର ଦିନ ୧:୫୦ ମିନିଟରେ ଶେଷ ହେଲା । ଶେଷରେ ଆମେଲାର ସଦସ୍ୟମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ତା'ପରେ ହଜୁର ଅନଓ୍ୱର ଅ:ବ:ଅ କିଛି ସମୟ ପାଇଁ ନିଜ ଆବାସସ୍ଥଳୀକୁ ଚାଲିଗଲେ ପୁଣି ଠିକ୍ ୨:୧୫ ମିନିଟରେ ପୂର୍ବବାର ଆସି ଜୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ । ନାମଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ନ୍ୟାସନାଲ୍ ମଜ୍‌ଲିସ୍ ଆମେଲା ଲଜ୍‌ନା ଇମାଇଲା ହଲାଣ୍ଡର ମିଟିଙ୍ଗ**

ପ୍ରୋଗ୍ରାମ ମୁତାବକ ଠିକ୍ ସଂଧ୍ୟା ୫ଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ବଇତୁଲ୍ ନୂର୍‌ଠାରେ ପର୍ଦାପଣ କଲେ ଏବଂ ସେଠାରେ ନ୍ୟାସନାଲ୍ ମଜ୍‌ଲିସ୍ ଆମେଲା ଲଜ୍‌ନା ଇମାଇଲା ହଲାଣ୍ଡର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ମିଟିଙ୍ଗ ଆରମ୍ଭ ହେଲା । ଏହି ମିଟିଙ୍ଗରେ ଆମେଲାର ସଦସ୍ୟାମାନଙ୍କ ସହିତ ରିଜିଓନାଲ୍ ସଦର୍‌ମାନେ ଏବଂ ଲୋକାଲ୍ ମଜ୍‌ଲିସ୍‌ଗୁଡ଼ିକର ସଦର୍ ଲଜ୍‌ନାମାନେ ମଧ୍ୟ ସାମିଲ ହୋଇଥିଲେ । ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ ।

ହଜୁର ଅନଓ୍ୱର ଅ:ବ:ଅ ଜେନେରାଲ୍ ସେକ୍ରେଟାରୀ ସାହିବାଙ୍କୁ ପଚାରିଲେ ଯେ, ଏଠାରେ ଲଜ୍‌ନାମାନଙ୍କର କେତେଗୋଟି ମଜ୍‌ଲିସ୍ ଅଛି, କେତୋଟି ମଜ୍‌ଲିସ୍ ରିପୋର୍ଟ ପଠାଉଛନ୍ତି ଏବଂ ସେହି ରିପୋର୍ଟଗୁଡ଼ିକର ଫିଡ୍‌ବ୍ୟାକ କିଏ ଦେଉଛନ୍ତି । ଏଥିରେ ଜେନେରାଲ୍ ସେକ୍ରେଟାରୀ କହିଲେ ଯେ, ଏଠାରେ ମୋଟ ୧୭ଟି ମଜ୍‌ଲିସ୍ ଅଛି ଓ ସମସ୍ତେ ରିପୋର୍ଟ ପଠାଉଛନ୍ତି ଓ ସେଥିରେ ନ୍ୟାସନାଲ୍ ସଦର ସାହିବା ଫିଡ୍‌ବ୍ୟାକ ଦେଉଛନ୍ତି । ଏଥିରେ ନ୍ୟାସନାଲ ସଦର୍ ସାହିବା ବତାଇଲେ ଯେ, ସେ ନ୍ୟାସନାଲ୍ ଆମେଲାକୁ ଫିଡ୍‌ବ୍ୟାକ ଦେଉଛନ୍ତି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ନ୍ୟାସନାଲ୍ ସଦର୍ ଲଜ୍‌ନା ମଧ୍ୟ ଲୋକାଲ୍ ମଜ୍‌ଲିସ୍‌ଗୁଡ଼ିକୁ ଫିଡ୍‌ବ୍ୟାକ ଦିଅନ୍ତୁ ଫଳତଃ ସେମାନେ ଏହା ଜାଣିପାରିବେ ନ୍ୟାସନାଲ ସଦରଙ୍କ ମଧ୍ୟ ଯୋଗାଯୋଗ ରହିଛି ।

Asst. General Secretary Sb ଙ୍କୁ ହଜୁର ଅନଓ୍ୱର ଅ:ବ:ଅ ପଚାରିବାରେ ସେ ବତାଇଲେ ଯେ, ସେ ନ୍ୟାସନାଲ୍ ଜେନେରାଲ୍ ସେକ୍ରେଟାରୀଙ୍କୁ ସାହାଯ୍ୟ କରୁଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ ନାଏବ୍ ସଦର୍ ଅଓ୍ୱଲ୍‌ଙ୍କୁ ତାଙ୍କ ଦାୟିତ୍ୱ ସମ୍ବନ୍ଧରେ ପଚାରି ବୁଝିଲେ ସେ ବତାଇଲେ ଯେ, ତାଙ୍କ ନିକଟରେ ସେକ୍ରେଟାରୀ ମୁହାସିବା ମାଲର ଦାୟିତ୍ୱ ମଧ୍ୟ ରହିଛି । ହଜୁର ଅନଓ୍ୱର ଅ:ବ:ଅ ଅଡ଼ିଟ କରିବା ସମ୍ବନ୍ଧରେ ପଚାରିଲେ ଏଥିରେ ସେ କହିଲେ ଯେ, ସେ ବାର୍ଷିକ ଅଡ଼ିଟ କରୁଛନ୍ତି ।

ନାଏବ୍ ସଦର୍ ଦୋମ୍ (ଦ୍ୱିତୀୟ) ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ବତାଇଲେ ଯେ, ସେ ସେକ୍ରେଟାରୀ ମାଲ୍ ମଧ୍ୟ ଅଛନ୍ତି, ହଜୁର ଅନଓ୍ୱର ଅ:ବ:ଅ ଚାନ୍ଦା ଦେଉଥିବା ମହିଳା ଏବଂ ରୋଜଗାର କରୁଥିବା ମହିଳାଙ୍କ ସମ୍ବନ୍ଧରେ ଜାଣିବାକୁ ଚାହିଁଲେ । ଏଥିରେ ନାଏବ୍ ସଦର୍ ଦୋମ୍ ବତାଇଲେ ଯେ, ଆମର ୪୧୧ଜଣ ଚାନ୍ଦା ଦେଉଛନ୍ତି ସେମାନଙ୍କ ମଧ୍ୟରେ ୨୯ ଜଣ ରୋଜଗାର କରୁଛନ୍ତି ଏବଂ ସେମାନେ ଏକପ୍ରତିଶତ ହିସାବ ଅନୁସାରେ ଚାନ୍ଦା ଦେଉଛନ୍ତି ।

ତା'ପରେ ମାଉନ୍ ସଦର୍ ଲଜ୍‌ନା ମ୍ୟାନେଜମେଂଟ ନିଜର ଦାୟିତ୍ୱ ସମ୍ବନ୍ଧରେ ବତାଇଲେ ।

ମିଗ୍‌ରାନ୍ ଓ୍ୱାକିଫାତେ ନୌ ସାହିବାଙ୍କୁ ହଜୁର ଅନଓ୍ୱର ଅ:ବ:ଅ ପଚାରିଲେ ଯେ, ଏଠାରେ କେତେ ସଂଖ୍ୟକ ଓ୍ୱାକିଫାତେ ନୌ ଅଛନ୍ତି ? ସେ ବତାଇଲେ ଯେ, ଏମାନଙ୍କର ସଂଖ୍ୟା ହେଉଛି ୮୩ । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ୧୫ବର୍ଷରୁ ବଡ଼ ଓ୍ୱାକିଫାତ୍‌ଙ୍କ ସମ୍ବନ୍ଧରେ ପଚାରି ବୁଝିଲେ ।

ମାଉନା ସଦର୍ ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ବତାଇଲେ ଯେ, ସେ ସୁଲ୍‌ତାନୁଲ୍ କଲମ୍ ଏବଂ ସୋଶିଆଲ୍ ମିଡ଼ିଆ ସେକ୍ରେଟାରୀ ରୂପେ କାମ କରୁଛନ୍ତି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ ତାଙ୍କୁ ପଚାରିଲେ ଯେ, ସୋଶିଆଲ୍ ମିଡ଼ିଆରେ, ଜାତିୟ ଓ ସ୍ଥାନିୟ ଖବରକାଗଜଗୁଡ଼ିକରେ କେତୋଟି ଆର୍ଟିକିଲ୍ ଲେଖିଛନ୍ତି ଓ କେତେ ମାତ୍ରାରେ ତବ୍‌ଲିଗି ଆର୍ଟିକିଲ୍ ଲେଖିଛନ୍ତି । ଏଥିରେ ସେକ୍ରେଟାରୀ ସାହିବା ବତାଇଲେ ଯେ, ଆମେ ନିଜର ଗୋଟିଏ ଓ୍ୱେବସାଇଟ୍ ଲଂଚ କରିଛୁ ଏବଂ ଆମେ ବୁର୍‌କା ଉପରେ ଲଗାଯାଇଥିବା ପ୍ରତିବନ୍ଧକ ସମ୍ବନ୍ଧରେ ସେଥିରେ ଆର୍ଟିକିଲ୍ ଲେଖି ଛାଡ଼ିଚୁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଅନ୍ୟମାନଙ୍କ ଓ୍ୱେବସାଇଟ୍‌ରେ ମଧ୍ୟ କମେଂଟ ଦିଅନ୍ତୁ । ଆଜିକାଲି ଇସ୍‌ଲାମ୍ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ବିରୋଧରେ ବିଷୟବସ୍ତୁଗୁଡ଼ିକ ଛପାଯାଉଅଛି ତେଣୁ ସେଥିରେ କମେଂଟ ପକାନ୍ତୁ ।

ମାଉନା ସଦର୍ ବରାଏ ରିଷ୍ଟାନାତା ଏବଂ ଓ୍ୱସିୟତ୍‌ଙ୍କୁ ହଜୁର ଅନଓ୍ୱର ଅ:ବ:ଅ ମହିଳାମାନଙ୍କ ଓ୍ୱସିୟତ ସମ୍ବନ୍ଧରେ ପଚାରି ବୁଝିଲେ । ସେଥିରେ ସେ ମହାଶୟା କହିଲେ, ଦୁଇଶହ ପଚିଶି ଜଣ ଲଜ୍‌ନାଙ୍କର ଓ୍ୱସିୟତ୍ ଅଛି ।

ସେକ୍ରେଟାରୀ ତର୍‌ବିୟତ୍ ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ନିଜ ପ୍ରୋଗ୍ରାମ ସମ୍ବନ୍ଧରେ ବତାଇଲେ । ହଜୁର ଅନଓ୍ୱର ଅ:ବ:ଅ ପାରିବାରିକ ସମସ୍ୟା ଉପରେ ଥିବା ପୁସ୍ତକ, ସୋଶିଆଲ୍ ମିଡ଼ିଆ ଏବଂ ପରଦା ସମ୍ବନ୍ଧରେ ଛପା ଯାଇଥିବା ନୁଆ ନୁଆ ପୁସ୍ତକଗୁଡ଼ିକୁ ଡ଼ଚ୍ ଭାଷାରେ ଅନୁବାଦ କରିବାପାଇଁ ନିର୍ଦ୍ଦେଶ ପ୍ରଦାନ କଲେ ।

ହଜୁର ଅନଓ୍ୱର ଅ:ବ:ଅ ସେକ୍ରେଟାରୀ ଉମୁରେ ତାଲିବାତ୍‌ଙ୍କୁ ତାଙ୍କ କାମ ସମ୍ବନ୍ଧରେ ପଚାରି ବୁଝିଲେ ଏବଂ କହିଲେ ଯେ, କଣ ସେ ସେମିନାର ଗୁଡ଼ିକ ପ୍ରତି ଆଗ୍ରହ ଦେଖାଉଛନ୍ତି କି ? ଏଥିରେ ସେକ୍ରେଟାରୀ ସାହିବା କହିଲେ ଯେ, ଏବେ କ୍ଲାସ୍ ଚାଲିଛି ଓ ଏହି କ୍ଲାସ୍‌ରେ ୭୦ ପ୍ରତିଶତ ଛାତ୍ରୀ ଭାଗ ମଧ୍ୟ ନେଉଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ ସେକ୍ରେଟାରୀ ନାସିରାତ୍‌ଙ୍କଠାରୁ ନାସିରାତ୍ ପିଲାମାନଙ୍କର ସଂଖ୍ୟା ଓ ତର୍‌ବିୟତି ପ୍ରୋଗ୍ରାମ ସମ୍ବନ୍ଧରେ ପଚାରି ବୁଝିଲେ । ଏଥିରେ ସେକ୍ରେଟାରୀ ସାହିବା ନିଜ ପ୍ରୋଗ୍ରାମର ରିପୋର୍ଟକୁ ଉପସ୍ଥାପନ କଲେ ଏବଂ ବତାଇଲେ ଯେ, ନାସିରାତ୍ ପିଲାମାନଙ୍କର ସଂଖ୍ୟା ହେଉଛି ୧୧୦ । ପୁଣି ସେ କହିଲେ ଯେ, ପାକିସ୍ତାନରୁ ବହୁତ ଝିଅପିଲା ଆସିଛନ୍ତି ତେଣୁ ଭାଷା ଓ ଅନ୍ୟାନ୍ୟ କାରଣ ଯୋଗୁଁ ଏଠିକାର ପିଲାମାନଙ୍କ ସହିତ ଇଂଟିଗ୍ରେଟ୍ ହେବାପାଇଁ ସେମାନଙ୍କୁ ଅସୁବିଧା ହେଉଅଛି ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ନୂଆ ନୂଆ ଆସିଥିବା ଝିଅମାନେ ଭାଷା ତ' ଶିଖୁଛନ୍ତି ତେଣୁ ଏହି ସମସ୍ୟା ରହିବା ଉଚିତ ନୁହେଁ । ଏଠାରେ ରହୁଥିବା ଝିଅପିଲାମାନଙ୍କ ସହିତ ବନ୍ଧୁତ୍ୱ ସ୍ଥାପନ କରନ୍ତୁ ।

ସେକ୍ରେଟାରୀ ସାହିବା ଖିଦ୍‌ମତେ ଖଲ୍‌କ ନିଜର ରିପୋର୍ଟ ପେଶ୍ କଲେ । ସଦର୍ ସାହିବା ବତାଇଲେ ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ଅନୁମତି କ୍ରମେ ଆମେ ହ୍ୟୁମାନିଫାଷ୍ଟ ସହିତ ଯୋଗାଯୋଗ କରିଛୁ । ସେମାନେ ଆମକୁ ଆଇଭୋରି କୋଷ୍ଟ ଠାରେ ନିର୍ମାଣ ହେବାକୁ ଥିବା ଡ଼ାକ୍ତରଖାନାର ସଜ୍ଜା ପାଇଁ ଅଟିୟା (ସ୍ୱେଚ୍ଛାକୃତ ଚାନ୍ଦା) ଯୋଗେଇ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ହଜୁର ଅନଓ୍ୱର ଅ:ବ:ଅଙ୍କ ଆହୁରି ଅଧିକା ପଚାରିବାରେ ସଦର୍ ସାହିବା ବତାଇଲେ ଯେ, ଆମେ ହ୍ୟୁମାନିଫାଷ୍ଟ ହଲାଣ୍ଡର ଇନ୍‌ଚାର୍ଜଙ୍କ ସହିତ ଯୋଗାଯୋଗ କରିଥିଲୁ । ସେ ଆମକୁ ସମସ୍ତ ତଥ୍ୟ ଦେଇଛନ୍ତି ।

ସେକ୍ରେଟାରୀ ତାଲିମଙ୍କ ରିପୋର୍ଟ ଉପରେ ହଜୁର ଅନଓ୍ୱର ଅ:ବ:ଅ ଜାଣିବାକୁ ଚାହିଁଲେ ଯେ, କଣ ନ୍ୟାସନାଲ ଆମେଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକଗୁଡ଼ିକର ଅଧ୍ୟୟନ କରୁଛନ୍ତି ? ଏଥିରେ ସେକ୍ରେଟାରୀ ତାଲିମ୍ କହିଲେ ଯେ, ଅଧ୍ୟୟନ କରୁଛନ୍ତି । ପରୀକ୍ଷା ସମ୍ବନ୍ଧରେ ପଚାରିଲେ ଯେ, ୧୫୬ ଜଣ ଲଜ୍‌ନାର ସଦସ୍ୟମାନେ ପରୀକ୍ଷା

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**